ବର୍ଷ-୨୪, ସଂଖ୍ୟା-୩୨୨
ଭୁବନେଶ୍ୱର
୨୭ ଡିସେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 322
Bhubaneswar
27 December, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ମନମୋହନ ସିଂଙ୍କ ପରଲୋକ

**ନୂଆଦିଲ୍ଲୀ, ୨୬।୧୨ (ମହାଭାରତ):** ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଖ୍ୟାତ ଅର୍ଥନୀତିଜ୍ଞ ଓ ରାଜନେତା ମନମୋହନ ସିଂହ ଆଉ ନାହାନ୍ତି । ଦିଲ୍ଲୀ ଏମ୍ସରେ ୯୨ ବର୍ଷରେ ଶ୍ରୀ ସିଂହ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି । ଆଜି ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା । ଏମ୍ସର ଏମର୍ଜେନ୍ସି ୱାର୍ଡରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରିଥିଲେ । ହେଲେ ଡାକ୍ତରୀ ଟିମର ସବୁ ଚେଷ୍ଟା ସତ୍ତ୍ୱେ ଶ୍ରୀ ସିଂହ ଆଖି ବୁଜି ଦେଇଛନ୍ତି । ରାତି ୯.୫୧ରେ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି । ଆଜି ତାଙ୍କ ବିୟୋଗରେ ପୂରା ଦେଶରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ଦେହାନ୍ତରେ ଆସନ୍ତାକାଲି ସମସ୍ତ ସରକାରୀ କାର୍ଯ୍ୟକ୍ରମ ବାତିଲ ଘୋଷଣା କରାଯାଇଛି । ଏଥିସହ ୭ ଦିନିଆ ରାଷ୍ଟ୍ରୀୟ ଶୋକ ମଧ୍ୟ ଘୋଷଣା କରାଯାଇଛି । ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସବୁ ରାଜ୍ୟର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ନେତା, କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧୀଙ୍କ ସହ ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

ପିଭି ନରସିଂହ ରାଓଙ୍କ ସରକାରରେ ମନମୋହନ ସିଂହ ଦେଶର ଅର୍ଥମନ୍ତ୍ରୀ ଥିଲେ । ଏହି ସମୟରେ ଭାରତୀୟ ଅର୍ଥନୀତିରେ ସେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଭାରତୀୟ ଅର୍ଥନୀତି ତାଙ୍କ ତୁଳୀରେ ନୂଆ ରୂପ ପାଇଥିଲା । ଅନ୍ତିମ ସମୟରେ ଶ୍ରୀ ସିଂହଙ୍କ ପାଖରେ ତାଙ୍କ ପତ୍ନୀ ଗୁରୁଶରଣ କୌର ଓ ୩ ଝିଅ ଉପସ୍ଥିତ ଥିଲେ ।

ଆଜି ତାଙ୍କ ବିୟୋଗରେ ପୂରା ଦେଶରେ ଶୋକରଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁ ଖବର ପାଇଁ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀ ଏମ୍ସରେ ପହଞ୍ଚିଛନ୍ତି । ସେହିପରି ପାଇଁ କର୍ଣ୍ଣାଟକାରେ ଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧି ମଧ୍ୟ ଦିଲ୍ଲୀ ଆସିଥିଲେ ।

ଶ୍ରୀ ସିଂହଙ୍କ ପରଲୋକ ଯୋଗୁ ଆସନ୍ତାକାଲି କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ଦଳ ପକ୍ଷରୁ ଏନେଇ ସୂଚନା ଜାରି କରାଯାଇଛି ।ଅନେକ ବରିଷ୍ଠ ନେତା ମଧ୍ୟ ବିଭିନ୍ନ ରାଜ୍ୟରୁ ଶ୍ରୀ ସିଂହଙ୍କ ଶେଷ ଦର୍ଶନ ପାଇଁ ଦିଲ୍ଲୀ ଆସିବାରେ ଲାଗିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ ଯୋଗେ ଶ୍ରୀ ସିଂହଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ଏଥିସହ ତାଙ୍କ ସହ ଷ୍ଟେଜ ଶେୟାର କରିବା ବେଳର କିଛି ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି । ଆରବିଆଇର ଗଭର୍ଣ୍ଣର ଭାବେ କାମ କରି ସାରିଥିବା ମନମୋହନ ସିଂହ ୨୦୦୪ରୁ ୨୦୧୪ ଯାଏ ଦେଶର ପ୍ରଧାନମନ୍ତ୍ରୀ ଭାବେ କାମ କରିଥିଲେ । ସେ ଦେଶର ଏକମାତ୍ର ପ୍ରଧାନମନ୍ତ୍ରୀ ଯିଏ ରାଜ୍ୟସଭାକୁ ପ୍ରତିନିଧି

**● ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକପ୍ରକାଶ**
**● ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା**
**● ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେବ ଶେଷକୃତ୍ୟ**
**● ଆରବିଆଇ ଗଭର୍ଣ୍ଣରରୁ ଭାରତର ପ୍ରଧାନମନ୍ତ୍ରୀ**
**● ୨୦୦୪-୨୦୧୪ ଦୁଇ ଦୁଇ ଥରର ସଫଳତମ ପ୍ରଧାନମନ୍ତ୍ରୀ**
**● ଦେଶର ଅର୍ଥ ବ୍ୟବସ୍ଥାକୁ ସଙ୍କଟରୁ ଉଦ୍ଧାର କରିଥିଲେ**

କରୁଥିଲେ । ସେ ଲୋକସଭା ନିର୍ବାଚନ ଜିତି ନାହାନ୍ତି । ଗୋଟିଏ ଦଶନ୍ଧିରୁ ଅଧିକ ସହ ରାଜ୍ୟସଭାର ସଦସ୍ୟ ଭାବେ କାମ କରି ଆସିଥିବା ଶ୍ରୀ ସିଂହ ଚଳିତ ବର୍ଷ ଏପ୍ରିଲରେ ଅବସର ନେଇଥିଲେ । ମନମୋହନ ସିଂହ ଅବିଭକ୍ତ ଭାରତର ପଞ୍ଜାବ କ୍ଷେତ୍ରର ଗାହ (ବର୍ତ୍ତମାନର ପାକିସ୍ତାନରେ) ଗାଁରେ ୧୯୩୨ମସିହା ସେପ୍ଟେମ୍ବର ୨୬ରେ ଜନ୍ମଗ୍ରହଣ କରିଥିଲେ । ୧୯୪୭ରେ ଦେଶ ବିଭାଜନ ପରେ ମନମୋହନ ସିଂହଙ୍କ ପରିବାର ଭାରତ ଚାଲି ଆସିଥିଲେ । ସେତେବେଳେ ଏତେ ଅସ୍ଥିରତା ଭିତରେ ବି ଅର୍ଥନୀତି ପାଠ ପଢ଼ାରେ ମନମୋହନ ଟପରେ ଥିଲେ । ୧୯୪୮ ମସିହାରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପ୍ରଥମ ଶ୍ରେଣୀ ଡିଗ୍ରୀ ହାସଲ କରିଥିଲେ । ବ୍ରିଟେନର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ସେ ୧୯୫୭ ମସିହାରେ ଅର୍ଥଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ଡିଗ୍ରୀ ହାସଲ କରିଥିଲେ । ୧୯୬୨ ମସିହାରେ ଅକ୍ସଫୋର୍ଡ ୟୁନିଭରସିଟିରୁ ଡିଫିଲ୍ ଅର୍ଜନ କରିଥିଲେ । ୧୯୭୧ ମସିହାରେ ଡକ୍ଟର ସିଂହ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ । ଏହାପରେ ଅର୍ଥାତ ୧୯୭୨ ମସିହାରେ ତାଙ୍କୁ ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଥିଲା ।ସେ ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅର୍ଥାତ ଅର୍ଥମନ୍ତ୍ରଣାଳୟର ସଚିବ, ଯୋଜନା କମିଶନର ଉପାଧ୍ୟକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ପଦରେ ରହିଥିଲେ ।୧୯୯୧ ମସିହାରେ ଭାରତ ଆର୍ଥିକ ସଂକଟ ଦେଇ ଗତି କରୁଥିବା ବେଳେ ଦେଶର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ନରସିଂହ ରାଓ ସମସ୍ତଙ୍କୁ ଚକିତ କରି ମନମୋହନ ସିଂହଙ୍କୁ ନିଜ କ୍ୟାବିନେଟରେ ଅର୍ଥ ମନ୍ତ୍ରୀ ବନାଇଥିଲେ । କଡ଼ା ବିରୋଧ ସତ୍ତ୍ୱେ ସେ ଅର୍ଥମନ୍ତ୍ରୀ ଭାବେ ଭାରତର ଅର୍ଥ ବ୍ୟବସ୍ଥାର ଢାଞ୍ଚାଗତ ସୁଧାର ପାଇଁ କଠୋର ବ୍ୟବସ୍ଥା କରିଥିଲେ ।

ଏହି କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପଡ଼ିଥିବା ସଙ୍କଟ ଟଳି ଯାଇଥିଲା । ତାଙ୍କୁ ଏହାପରେ ବିଶ୍ୱ ଦରବାରରେ ଜଣେ ମହାନ ଅର୍ଥ ଶାସ୍ତ୍ରୀ ଭାବେ ଗଣତି କରାଯାଇଥିଲେ । ୧୯୯୮ରୁ ୨୦୦୪ ଯାଏ ଶ୍ରୀ ସିଂହ ରାଜ୍ୟସଭାରେ ବିରୋଧୀ ଦଳ ମୁଖ୍ୟ ଭାବେ କାମ କରିଥିଲେ । ୨୦୦୪ରେ ୟୁପିଏ କ୍ଷମତାକୁ ଆସିବା ପରେ ସେ ୨୦୦୪ ମେ ୨୨ ତାରିଖରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ୨୦୦୯ରେ ମଧ୍ୟ ସେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ ।

ଡକ୍ଟର ସିଂହ ନିଜର ପ୍ରଶାସନିକ ଓ ରାଜନୀତିକ କ୍ୟାରିୟର ମଧ୍ୟରେ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି ।ତାଙ୍କୁ ୧୯୮୭ରେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ, ୧୯୯୫ରେ ଭାରତୀୟ ବିଜ୍ଞାନ କଂଗ୍ରେସର ଜବାହାରଲାଲ ନେହରୁ ଜନ୍ମ ଶତବାର୍ଷିକୀ ପୁରସ୍କାର, ୧୯୯୩ ଓ ୧୯୯୪ରେ ବର୍ଷର ଶ୍ରେଷ୍ଠ ଅର୍ଥମନ୍ତ୍ରୀ ଭାବେ ଏସିଆ ମନି ପୁରସ୍କାର, ୧୯୯୩ରେ ବର୍ଷର ଶ୍ରେଷ୍ଠ ଅର୍ଥମନ୍ତ୍ରୀ ଭାବେ ୟୁରୋମନି ପୁରସ୍କାର ମିଳିଥିଲା ।

ମନମୋହନ ସିଂହଙ୍କ କଠିନ୍ନ ପରିଶ୍ରମ ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ତାରିଫ କରି ସାରିଛନ୍ତି । ସଂସଦରେ ମନମୋହନ ସିଂହ ଦେଇଥିବା ତାଙ୍କ ଶେଷ ଭାଷଣରେ ମୋଦୀ ସରକାରଙ୍କ ଦ୍ୱାରା କରାଯାଇଥିବା ବିମୁଦ୍ରୀକରଣକୁ ସମାଲୋଚନା କରିଥିଲେ । ଏହା ସଂଗଠିତ ଓ ଆଇନଗତ ଏକ ଲୁଟ୍ ବୋଲି ସେ କହିଥିଲେ ।

## ଚାଷୀଙ୍କୁ ହଇରାଣ କଲେ କଡା ଆକ୍ସନ : ମନ୍ତ୍ରୀ

ଭୁବନେଶ୍ୱର, ୨୬।୧୨ (ମହାଭାରତ) ଫସଲବୀମା ନେଇ ବୀମା କମ୍ପାନୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡା ଚେତାବନୀ ଦେଇଛନ୍ତି । ଚାଷୀଙ୍କୁ ହଇରାଣ କଲେ କି ଟାଳଟୁଳ ନୀତି ଦେଖାଇଲେ କଡା ଆକ୍ସନ ନେବେ ସରକାର । କହିଲେ ଫସଲବୀମା ନିୟମ କମ୍ପାନୀ ଲାଭ ପାଇଁ ନୁହେଁ । ଏ ସମୟରେ ବୀମା କମ୍ପାନୀ ମାନେ ଚାଷୀଙ୍କ ପ୍ରତି ସମ୍ବେଦନ ଶିଳ ହେବା ଦରକାର । ୨୪ ତାରିଖ ଯାଏ ୨୦ ହଜାର ରୁ ଅଧିକ ଚାଷୀ ବୀମା ପାଇଁ ଆବେଦନ କରି ସାରିଲେଣି । ସେମାନଙ୍କୁ ବୀମା ପ୍ରଦାନ ନେଇ ବୀମା କମ୍ପାନୀ ଗୁଡିକ ଆଇନ ଅନୁଯାଇ କାମ କରିବା ଦରକାର । ପୂର୍ବ ଭଳି ବେଲାଇନ ହେଲେ ସରକାରଙ୍କ ପାଖରେ ଅସ୍ତ୍ର ଅଛି ସେମାନଂକୁ ଲାଇନକୁ ଆଣିବାକୁ । ଇନ୍ସୁରାନ୍ସ କମ୍ପାନୀ ସହ କୃଷି ବିଭାଗ ୨ ଟି ମିଟିଙ୍ଗ କରି ସାରିଲାଣି । ଏହା ସହ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଅନେକ ସ୍ଥାନରେ ଫସଲ ନଷ୍ଟ ହୋଇଛି । ଯାହା ଫଳରେ ମଣ୍ଡି ଖୋଲିବା ତାରିଖ ମଧ୍ୟ ଘୁଂଚାଇବାକୁ ବାଧ୍ୟ ହେଉଛି । ପରିସ୍ଥିତିକୁ ନଜରରେ ରଖି ପୁଣି ଥରେ ମଣ୍ଡି ଖୋଲିବା ସୂଚୀ ପ୍ରକାଶ ହେବ । ଲଗାତାର ବର୍ଷା ଯୋଗୁଁ ଏଯାଏଁ କ୍ଷୟକ୍ଷତି ଆକଳନ ହୋଇନି ।କୃଷି ବିଭାଗ ସହ ଆଲୋଚନା ହୋଇଛି । ସମବାୟ ବିଭାଗର ବି ଭୂମିକା ଅଛି । ୨୮ ତାରିଖରେ ରାଜସ୍ୱ କୃଷି ସମବାୟ ସହ ଅନ୍ୟ ବିଭାଗ ବୈଠକ ରହିଛି । କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ । ତାପରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥିତି ନେଇ ଅବଗତ କରାଯିବ । ଯଦି କିଏ ସର୍ଭେରୁ ବାଦ ପଡ଼ିଥିବେ ତାହେଲେ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ବି କରିପାରିବେ ।

## ଏମବିଏସ୍ ମସଲା କାରଖାନା ଉଦଘାଟିତ

ଗାଙ୍ଗପୁର, ,୨୬।୧୨ (ମହାଭାରତ) : ଗଞ୍ଜାମ ଜିଲ୍ଲା ଗାଙ୍ଗପୁରରେ ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଏକ ଅତ୍ୟାଧୁନିକ 'ଏମବିଏସ ମସଲା କାରଖାନା'ର ଉଦଘାଟିତ ହୋଇଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଗ୍ରାମାଂଚଳର ଅର୍ଥନୀତିକୁ ଆଗକୁ ନେବାରେ ଏହି କାରଖାନା ପ୍ରମୁଖ ଭୂମିକା ନିର୍ବାହ କରିବ । ଗଞ୍ଜାମ ଜିଲ୍ଲାର କୁଶଳୀ ଲୋକମାନେ ରୋଜଗାର ପାଇଁ ବାହାରକୁ ନ ଯାଇ ଏହି ଠାରେ କାମ କରିବେ । ଏହି ଘରୋଇ କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଅଂଚଳରେ କୃଷି ଉତ୍ପାଦିତ ସାମଗ୍ରୀ ତଥା ବିଶେଷତଃ ମସଲା ପାଇଁ ଆବଶ୍ୟକ ହେଉଥିବା କଂଚାମାଲର ଉପଯୁକ୍ତ ମୂଲ୍ୟ ଚାଷୀମାନେ ପାଇପାରିବେ ।

# ଆଗାମୀ ବର୍ଷରୁ ହେବ ଛାତ୍ର ସଂସଦ ନିର୍ବାଚନ : ମୋହନ



ଭୁବନେଶ୍ୱର, ୨୬।୧୨ (ମହାଭାରତ): ପୂର୍ବବର୍ତୀ ସରକାର ଚକ୍ରାନ୍ତ କରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ, ମାତ୍ର ଆମ ସରକାର ନିଶ୍ଚିତ ଭାବେ ଛାତ୍ର ସଂସଦ ନିର୍ବାଚନ କରିବ ଏବଂ ଏହା କେବେବି ବନ୍ଦ ହେବନାହିଁ, ଏହା ଆମର ପ୍ରତିଶ୍ରୁତି । କଟକ ଇନଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୯ତମ ରାଜ୍ୟ ଅଧିବେଶନର ଉଦଘାଟନୀ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ, ଆଜିର ଏହି ଭବ୍ୟ ଅଧିବେଶନର ଶୁଭ ଅବସରରେ ନିଜକୁ ସାମିଲ କରିପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ଅବସରରେ ଉପସ୍ଥିତ ସମସ୍ତ ନେତୃତ୍ୱ ମଣ୍ଡଳୀ, ବୁଦ୍ଧିଜୀବୀ ଏବଂ ବିଦ୍ୟାର୍ଥୀଙ୍କୁ ମୋ ତରଫରୁ ଶୁଭକାମନା ଜଣାଉଛି । ରାଷ୍ଟ୍ରସେବାକୁ ଗୁରୁତ୍ୱ ଦେଇ ଜ୍ଞାନ, ଚରିତ୍ର ଏବଂ ଏକତାର ମନ୍ତ୍ରରେ ଦେଶର ଶିକ୍ଷା ଏବଂ ସାମାଜିକ ଚେତନାର ବିକାଶ କରିବାରେ ବିଦ୍ୟାର୍ଥୀ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏକ ସୁଦୃଢ ସମାଜ ସହ ଦେଶ ତଥା ରାଜ୍ୟର ଉଜ୍ଜଳ ଭବିଷ୍ୟତ ପାଇଁ ବିଦ୍ୟାର୍ଥୀ ପରିଷଦ ଏକ ସଫଳ ଛାତ୍ର ସଙ୍ଗଠନ ଭାବେ କାର୍ଯ୍ୟ କରୁଛି । ଏଠାରେ ଉପସ୍ଥିତ ଯୁବ ନେତୃତ୍ୱ ହିଁ ରାଷ୍ଟ୍ରହିତକୁ ଗୁରୁତ୍ୱ ଦେଇ ଆମ ଐତିହ୍ୟ, ଓଡ଼ିଆ ଅସ୍ମିତା ଏବଂ ବୀରତ୍ୱର ଗାଥାକୁ ଆହୁରି ଗରିମାମୟ କରିବାରେ ସହାୟକ ହେବେ ବୋଲି ମୋର ଦୃଢ ବିଶ୍ୱାସ ରହିଛି ।

ସେ କହିଛନ୍ତି ଯେ, ରାଜ୍ୟରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ ଲୋକଙ୍କ ସରକାର କାର୍ଯ୍ୟ କରୁଛନ୍ତି । ପରୀକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ହେଉ ବା ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦, ପିଏମ-ଶ୍ରୀ ଲାଗୁ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବା ହେଉ, ଆମ ସରକାର ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତକୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ଓଡ଼ିଶାକୁ ସମୃଦ୍ଧ କରିବା ଏବଂ 'ବିକଶିତ ଓଡ଼ିଶା' ନିର୍ମାଣ ପାଇଁ ଲୋକଙ୍କ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଆପଣ ସମସ୍ତଙ୍କ ସହଯୋଗ ଏବଂ ଯୋଗଦାନର ଆବଶ୍ୟକତା ରହିଛି । ଏହାର ସଫଳ ରୂପାୟନର ଦାୟିତ୍ୱ କେବଳ ସରକାରର ନୁହେଁ ଏହାର ଦାୟିତ୍ୱ ଅଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସମସ୍ତ ଯୁବ ନେତୃତ୍ୱଙ୍କ ପାଖରେ, ଯେଉଁମାନେ କି ଆଗାମୀ ଦିନରେ ଓଡ଼ିଶାର ଦାୟିତ୍ୱ ନେବେ । ଏଥିପାଇଁ ସମସ୍ତେ ସକ୍ରିୟ ଭାବେ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଉଛି ।

### ଅଦିନିଆ ବର୍ଷାରେ ଫସଲ କ୍ଷତି ଆଶଙ୍କା

# 'କୃଷି ରକ୍ଷକ' ପୋର୍ଟାଲ କିମ୍ବା ହେଲ୍ପଲାଇନରେ ଜଣାଇବାକୁ ପରାମର୍ଶ

ଭୁବନେଶ୍ୱର, ୨୬।୧୨ (ମହାଭାରତ): ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବୀମାଭୁକ୍ତ ଚାଷୀଙ୍କୁ ଉଚିତ କ୍ଷତି ପୂରଣ ଦିଆଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ନିୟମାନୁଯାୟୀ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତି ପାଇଁ ମଧ୍ୟ ବୀମା ସହାୟତା ପ୍ରଦାନ କରାଯାଏ । ଯଦି ଅମଳ ହୋଇଥିବା ଫସଲ କ୍ଷେତରେ ବିଡା ବନ୍ଧା ଅବସ୍ଥାରେ କିମ୍ବା ଖଳାରେ ଶୁଖାଯାଇଥିବା ଅବସ୍ଥାରେ ଅମଳର ୧୪ ଦିନ ମଧ୍ୟରେ ଅଦିନିଆ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି, ତେବେ ବୀମା ସହାୟତା ପ୍ରଦାନ ପାଇଁ ଚାଷୀମାନେ ଯୋଗ୍ୟ ଅଟନ୍ତି । ଏଥିପାଇଁ କ୍ଷତି ହେବାର ୭୨ ଘଂଟା ମଧ୍ୟରେ "କୃଷି ରକ୍ଷକ" ପୋର୍ଟାଲ କିମ୍ବା "କୃଷି ରକ୍ଷକ ହେଲ୍ପଲାଇନ ନମ୍ବର" ୧୪୪୪୭ ରେ ସୂଚନା ଦେବାକୁ ଗଣମାଧ୍ୟମ ଜରିଆରେ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ।

ସୂଚନାଯୋଗ୍ୟ, ବିଗତ କିଛି ଦିନ ଧରି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଦେଓଗଡ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ପୁରୀ, ରାୟଗଡା ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଏହି ଅଦିନିଆ ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଅମଳ ଖରିଫ ଫସଲ କ୍ଷତିଗ୍ରସ୍ତ ହୋଇଥିବାର ଆଶଙ୍କା କରାଯାଉଛି । ଏହି ସମସ୍ତ ଜିଲ୍ଲାରେ ୧୫ ଲକ୍ଷରୁ ଅଧିକ ଚାଷୀ ଫସଲ ବୀମା ଯୋଜନାରେ ସେମାନଙ୍କ ଖରିଫ ଫସଲକୁ ପଞ୍ଜୀକୃତ କରିଛନ୍ତି । କ୍ଷତି ପୂରଣ ପାଇବା ପାଇଁ ପଞ୍ଜୀକୃତ ଚାଷୀମାନେ କ୍ଷତି ହେବାର ୭୨ ଘଂଟା ମଧ୍ୟରେ "କୃଷି ରକ୍ଷକ" ପୋର୍ଟାଲ କିମ୍ବା "କୃଷି ରକ୍ଷକ ହେଲ୍ପଲାଇନ ନମ୍ବର" ୧୪୪୪୭ ରେ ସୂଚନା ଦେବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୬।୧୨: ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ କଲଚରାଲ ସେଂଟରରେ ଆଜି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଲ୍ଲେଖନୀୟ କୃତିତ୍ୱ ଲାଗି ସାତଟି ବିଭାଗରେ ୧୭ ଜଣ ବାଳକ, ବାଳିକାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରିଛନ୍ତି ।ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି ପୁରସ୍କୃତ ହୋଇଥିବା ବାଳକ ଓ ବାଳିକାଙ୍କୁ ଅଭିବାଦନ ଜଣାଇଛନ୍ତି । ସେମାନଙ୍କ ଲାଗି ଉଭୟ ଦେଶ ଓ ସମାଜ ଗର୍ବ ଅନୁଭବ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ପୁରସ୍କୃତ ହୋଇଥିବା ପିଲାମାନେ ଅଭୂତପୂର୍ବ କାମ କରି ଅସାମାନ୍ୟ ଗୁଣାବଳୀର ଅଧିକାରୀ ହୋଇଥିବା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି । ଦେଶର ବାକି ପିଲାମାନଙ୍କ ଲାଗି ସେମାନେ ଉଦାହରଣ ସୃଷ୍ଟି କରିଥିବା ସେ କହିଛନ୍ତି ।ପିଲାମାନଙ୍କର କ୍ଷମତାକୁ ଚିହ୍ନି ସେଭଳି ସୁଯୋଗ ସୃଷ୍ଟି କରିବା ଆମ ପରମ୍ପରାର ଏକ ଅଂଶ ବିଶେଷ । ଏହି ପରମ୍ପରାକୁ ଆଗାମୀ ଦିନରେ ବଜାୟ ରଖିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ୨୦୪୭ରେ ଯେବେ ଆମ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ ସେତେବେଳେ ପୁରସ୍କୃତ ହୋଇଥିବା ଏହି ପିଲାମାନେ ବଡ ହୋଇ ନାଗରିକତ୍ୱ ପାଇସାରିଥିବେ ବୋଲି ସେ କହିଛନ୍ତି । ବିକଶିତ ଭାରତବର୍ଷର ନିର୍ମାତା ଭାବେ ପୁରସ୍କୃତ ହୋଇଥିବା ଏହି ବାଳକ ଓ ବାଳିକାମାନେ କାମ କରିବେ ବୋଲି ରାଷ୍ଟ୍ରପତି ଆଶା ପ୍ରକଟ କରିଛନ୍ତି ।



# ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଭାରୀ ଦାୟିତ୍ୱ

ଭୁବନେଶ୍ୱର, ୨୬।୧୨ (ମହାଭାରତ): ଶାସନ କରିବାର ୬ ମାସ ପରେ ମନ୍ତ୍ରୀମାନଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି । ଏଣିକି ମନ୍ତ୍ରୀମାନେ ଜିଲ୍ଲା କଥା ବୁଝିବେ । ପ୍ରଶାସନକୁ ଅଧିକ କ୍ରିୟାଶୀଳ କରି ବିକାଶ କାର୍ଯ୍ୟକୁ ଆଗେଇ ନେବା ଓ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିଜ ମନ୍ତ୍ରିପରିଷଦ ସହଯୋଗୀଙ୍କ ଦାୟିତ୍ୱ ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଭାବେ ନାମିତ କରାଯାଇ ସେମାନଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ୧୩ଜଣ ମନ୍ତ୍ରୀଙ୍କୁ ମୋଟ ୩୦ଟି ଜିଲ୍ଲାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କୁ କଟକ ଓ ଜଗତସିଂହପୁର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିବାବେଳେ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ମିଳିଛି । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସୁନ୍ଦରଗଡ଼ ଓ ଦେବଗଡ଼, ରବିନାରାୟଣ ନାଏକଙ୍କୁ ସୋନପୁର ଓ ବଲାଙ୍ଗୀର, ନିତ୍ୟାନନ୍ଦ ଗଣ୍ଡଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁଗୁଳ ଓ ସମ୍ବଲପୁର, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଞ୍ଜାମ ଓ ଗଜପତି, ମୁକେଶ ମହାଲିଙ୍ଗଙ୍କୁ ଝାରସୁଗୁଡ଼ା ଓ ବରଗଡ଼, ବିଭୂତିଭୂଷଣ ଜେନାଙ୍କୁ ନବରଙ୍ଗପୁର ଓ ରାୟଗଡ଼ା, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କନ୍ଧମାଳ ଓ ବୌଦ୍ଧ, ଗଣେଶରାମ ସିଂ ଖୁଣ୍ଟିଆଙ୍କୁ କଳାହାଣ୍ଡି ଓ ନୂଆପଡ଼ା, ସୂର୍ଯ୍ୟବଂଶୀ ସୂରଜଙ୍କୁ ଯାଜପୁର ଓ କେନ୍ଦ୍ରାପଡ଼ା, ପ୍ରଦୀପ ବଳ ସାମନ୍ତଙ୍କୁ ଖୋର୍ଦ୍ଧା ଓ ନୟାଗଡ଼, ଗୋକୁଳାନନ୍ଦ ମଲ୍ଲିକଙ୍କୁ କୋରାପୁଟ ଓ ମାଲକାନଗିରି, ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଢେଙ୍କାନାଳ ଓ ପୁରୀ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ନ୍ୟସ୍ତ ହୋଇଛି ।

# ବିଜେପିକୁ ଟାର୍ଗେଟ୍ କଲେ ନବୀନ

**ଭୁବନେଶ୍ୱର, ୨୬।୧୨ (ମହାଭାରତ):** ଆଜି ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳନ ହୋଇଥିବାବେଳେ ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିବା ସହ ବିଜେପି ସରକାରକୁ ସମାଲୋଚନା କରିଛନ୍ତି । ବିଜେପି ମିଛ କଥା କହି, ମିଛ ପ୍ରତିଶୃତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି । ଆମେ ହାରି ନାହୁଁ ଓ ଲୋକଙ୍କ ବିଶ୍ୱାସ ମଧ୍ୟ ହରାଇ ନାହୁଁ ବୋଲି ନବୀନ କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ ଦଳ ପ୍ରତି ଲୋକଙ୍କ ଭଲ ପାଇବା ଓ ବିଜେଡି ସରକାର ସମୟର ସଫଳତା ଉପରେ ଆଲୋକପାତ କରି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡିଶାବାସୀଙ୍କ ସେବା କରିଚାଲିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଓଡିଶାର ସ୍ୱାର୍ଥ ସର୍ବାଗ୍ରେ । ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ଓଡିଶା ସ୍ୱାର୍ଥ ର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ ।

ଦଳର ପ୍ରତିଷ୍ଠାର ସୁବର୍ଣ୍ଣ ମୁହୂର୍ତ୍ତ ସମ୍ପର୍କରେ ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ 'ଗତ ୨୪ ବର୍ଷ ଭିତରେ ବିଜୁ ଜନତା ଦଳ ସରକାର ର ସଫଳତା ଉପରେ. ଆଲୋକପାତ କରି ଶ୍ରୀ ପଟନାୟକ କହିଥିଲେ ଯେ ଦୁନିଆରେ ବିଜେଡି ସରକାର ଓଡିଶାକୁ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟର ପରିଚୟ ଦେଇପାରିଛି । ଅନ୍ୟ ରାଜ୍ୟର ଖାଦ୍ୟ ଶସ୍ୟ ଉପରେ ନିର୍ଭର କରୁଥିବା ଓଡିଶା ଆଜି ବାହାର ରାଜ୍ୟକୁ ଖାଦ୍ୟ ପଠାଉଛି । ଓଡିଶାରେ ଗରିବୀ କମିଛି । ମୁଣ୍ଡ ପିଛା ଆୟ ବଢିଛି । ବିପର୍ଯ୍ୟୟ ପରିଚାଳନା ରେ ଆଦର୍ଶ ରାଜ୍ୟ ହୋଇ ପାରିଛି । ପୁଞ୍ଜି ବିନିଯୋଗ ବଢିଛି । ୨୦୦୦ ମସିହାରେ ଓଭର



ଡ୍ରାଫ୍ଟରେରେ ଚଳୁଥିବା ରାଜ୍ୟ ଆଜି ବଜେଟ ସରପ୍ଲସ ଷ୍ଟେଟହୋଇପାରିଛି । ମହିଳା ସଶକ୍ତିକରଣ ଓ ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ଓଡିଶା ଏକ ଆଗୁଆ ରାଜ୍ୟ । ସାରା ବିଶ୍ୱରେ ଓଡିଶା ,ସ୍ପୋର୍ଟ୍ସ କ୍ୟାପିଟାଲର ପରିଚୟ ପାଇଛି ।ଓଡିଶାବାସୀଙ୍କ ଭଲ ପାଇବା ଓ କର୍ମୀ ଭାଇ ଭଉଣୀ ମାନଙ୍କ ପରିଶ୍ରମ ଯୋଗୁଁ ବିଜୁ ଜନତା ଦଳ ଆଜି ଏକ ଦୃଢ଼ ଆଂଚଳିକ ଦଳ ଭାବରେ ପ୍ରତିଷ୍ଠା ପାଇଛି ବୋଲି ପ୍ରକାଶ କରି ଶ୍ରୀ ପଟନାୟକ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।ନିର୍ବାଚନ ପରାଜୟ ସମ୍ପର୍କରେ ଶ୍ରୀ ପଟନାୟକ କହିଥିଲେ ଯେ 'ମୁଁ ଜାଣିଛି ବହୁତ ଲୋକଙ୍କର ପ୍ରଶ୍ନ ଅଛି ଯେ ଗତ ନିର୍ବାଚନରେ ଆମେ କେମିତି ହାରିଲୁ । ମୁଁ ଆଜି ତାର ଉତ୍ତର ଦେବି । ମୁଁ କହିବି ଆମେ ହାରି ନାହୁଁ । ଲୋକଙ୍କ ବିଶ୍ୱାସ ମଧ୍ୟ ହରାଇ ନାହୁଁ ।ବିଜେପି ମିଛ କଥା କହି, ମିଛ ପ୍ରତିଶୃତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି । ଏତେ ମିଛ କହି ମଧ୍ୟ ବିଜେପି ଆମ ଠାରୁ କମ୍ ଭୋଟ୍ ପାଇଛି ।ଆମର ଭୁଲ୍ ହେଲା ଆମେ ସେମାନଙ୍କ ମିଛର ଠିକ୍ ଭାବରେ କାଉଂଟରକରିପାରିଲୁ ନାହିଁ । ସେମାନଙ୍କ ନେଗେଟିଭ କ୍ୟାମପେନଓ ସୋସିଆଲ ମିଡିଆରେ ଫଲ୍ସ ନ୍ୟାରେଟିଭସର ଠିକ୍ ଭାବରେ ଆମେ କାଉଂଟରକରିପାରିଲୁ ନାହିଁ ।'ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ଓଡିଶାବାସୀ ଜାଣିଲେଣି ଯେ ବିଜେପି ମିଛ କଥା କହି କ୍ଷମତା ଦଖଲ କରିଛି । ତେଣୁ କର୍ମୀ ଭାଇ ଭଉଣୀ ମାନଙ୍କୁ ସୋସିଆଲ ମିଡିଆରେ ସକ୍ରିୟ ରହି ବିଜେପିର ଫଲ୍ସ ନ୍ୟାରେଟିଭର ଉଚିତ୍ ଜବାବ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ ।

ବର୍ତ୍ତମାନ ଓଡିଶାରେ ଚାଲିଥିବା ସରକାର ବିଷୟରେ ଶ୍ରୀ ପଟନାୟକ କହିଥିଲେ ଯେ 'ଗତ ଛଅ ମାସ ଭିତରେ ବିଜେପି ସରକାରର ଓଡିଶାବାସୀଙ୍କ ପାଇଁ ସବୁଠାରୁ ବଡ ଉପହାର ହେଉଛି ଦରଦାମ ବୃଦ୍ଧି । ଡାଲି ଚାଉଳ ଠାରୁ ଆରମ୍ଭ କରି ତେଲ, ପନିପରିବା ସବୁ ଦର ଆଜି ଆକାଶ ଛୁଆଁ । ଦରବୃଦ୍ଧି ପାଇଁ ଆଜି ପ୍ରତି ପରିବାର କାନ୍ଦୁଛି । ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ କାନ୍ଦୁଛି । ମିଶନ ଶକ୍ତି ମା ମାନେ ଦୁଃଖ ରେ ଅଛନ୍ତି । ଲୋକଙ୍କ ଏତେ କଷ୍ଟ ପରେ ଏ ସରକାରର କୁମ୍ଭକର୍ଣ୍ଣ ନିଦ କେବେ ଭାଙ୍ଗିବ ? ବୋଲି ଶ୍ରୀ ପଟନାୟକ ପ୍ରଶ୍ନ କରିଥିଲେ ।

# ଜବାବ ଦେଲେ ଧର୍ମେନ୍ଦ୍ର



ଭଞ୍ଜନଗର, ୨୬।୧୨ (ମହାଭାରତ): ଯେଉଁ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୪ ବର୍ଷ ଧରି ଶାସନରେ ରହିବା ପରେ ମଧ୍ୟ ନିଜ ଜନ୍ମମାଟିରେ ପିଇବା ପାଣିର ବ୍ୟବସ୍ଥା କରିପାରିନାହାନ୍ତି, ସେ ବିଜେପି ଓ ନରେନ୍ଦ୍ର ମୋଦୀଙ୍କ କଥାକୁ ମିଛ କହି ନିଜେ ଏକ ଭ୍ରମ ତିଆରି କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଦିନିକିଆ ଗଞ୍ଜାମ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଏ ପ୍ରସଙ୍ଗରେ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ପୂର୍ବ ସରକାରଙ୍କ ୭-୮ଟି ମେଗା ପାଇପ ୱାଟର ଯୋଜନା ଆରମ୍ଭ ହୋଇଛି । ଗୋଟିଏ ଛାଡି ଦେଲେ ଅନ୍ୟ ୬ଟି ପ୍ରକଳ୍ପର କାମ ଅଧାପନ୍ତରା ଅଛି । ବୌଦ୍ଧ, ଫୁଲବାଣୀ ଜିଲ୍ଲାରୁ ଗଞ୍ଜାମ ଗ୍ରାମାଂଚଳକୁ ପାଣି ଆସିନାହିଁ କାହିଁକି ? ପାଣି ପାଇପ ସବୁ ଖୋଲାରେ ପଡିଛି । ପାଣି ଆସିବାର ଠିକଣା ନାହିଁ । ନଳ ଅଛି କିନ୍ତୁ ଜଳ ନାହିଁ । ଏହାକୁ କଣ କହିବା ? ବିଜେପି ସରକାରର ସୁଭଦ୍ରା ଯୋଜନା ଏବଂ ଧାନର ଏମଏସପି କ୍ୱିଂଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଉପରେ ସେ ଅବଗତ ନାହାନ୍ତି କି ? ଗଞ୍ଜାମର ଲୋକମାନେ ଭରସା କରି ଡବଲ ଇଞ୍ଜିନ ସରକାରକୁ ଆଣିଛନ୍ତି । ଯଦି ଏହା କାହାକୁ ମିଛ ଲାଗୁଛି, ତେବେ ତାକୁ କଣ କୁହାଯିବ ? ସ୍ୱର୍ଗକୁ ନେଶୁଣୀ ନାହିଁ, ବଡ ଲୋକଙ୍କୁ ଉତ୍ତର ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା-ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଲର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



### ଖବର

## ମୋ ପାଖରେ ଟଙ୍କା ନାହିଁ, ମୁଁ ଜୟାଙ୍କୁ ମାଗେ: କେବିସିରେ ବିଗ୍ ବି କହିଲେ



କୌନ ବନେଗା କରୋଡପତି (କେବିସି) ହେଉଛି ଏକ ପ୍ଲାଟଫର୍ମ ଯେଉଁଠାରେ ଅମିତାଭ ବଚ୍ଚନ ତାଙ୍କ ସାମ୍ନାରେ ହଟ୍ ସିଟ୍ରେ ବସିଥିବା ପ୍ରତିଯୋଗୀମାନଙ୍କ ସହ ଖୋଲାଖୋଲି ଭାବରେ କଥାବାର୍ତ୍ତା କରିଥାନ୍ତି। ସୋନି ଟିଭିର କୁଇଜ୍ ରିୟଲିଟି ସୋ କୌନ ବନେଗା କରୋଡପତିର ସିଜନ ୧୬ର ଏକ ଏପିସୋଡରେ ଅମିତାଭ ବଚ୍ଚନ ନିଜ ସହ ଜଡିତ ଏକ ମଜାଦାର କଥା କହିଥିଲେ । ହିନ୍ଦୀ ଚଳଚ୍ଚିତ୍ରର ଏହି ସୁପରଷ୍ଟାର, ତାଙ୍କର ଗୋଟିଏ ଚଳଚ୍ଚିତ୍ର ପାଇଁ କୋଟି କୋଟି ଟଙ୍କା ଆଦାୟ କରୁଥିବା କହିଛନ୍ତି। ତେବେ ତାଙ୍କ ପାଖରେ ଟଙ୍କା ନାହିଁ ଏବଂ ଆବଶ୍ୟକ ଅନେକ ସମୟରେ ସେ ତାଙ୍କ ପତ୍ନୀ ଜୟା ବଚ୍ଚନଙ୍କଠାରୁ ଟଙ୍କା ମାଗନ୍ତି ବୋଲି କହିଛନ୍ତି। ' କେନ ବନେଗା କରୋଡପତିର ସର୍ବଶେଷ ଏପିସୋଡରେ ଅମିତାଭ ବଚ୍ଚନ ତାଙ୍କ ସାମ୍ନାରେ ହଟ୍ ସିଟ୍ରେ ବସିଥିବା ପ୍ରତିଯୋଗୀ ପ୍ରିୟଙ୍କା ଏବଂ' କେନ ବନେଗା କରୋଡପତିର ସିଜିନ ୧୬ ର ଷ୍ଟୁଡିଓରେ ଉପସ୍ଥିତ ଦର୍ଶକଙ୍କୁ ଏହି ମଜାଦାର କଥା କହିଥିଲେ। ଅମିତାଭ ବଚ୍ଚନଙ୍କ ସାମ୍ନାରେ ହଟ୍ ସିଟରେ ବସି ପ୍ରିୟଙ୍କା କେବଳ ' କୌନ ବନେଗା କରୋଡପତିରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇନାହାଁନ୍ତି ବରଂ ଅମିତାଭ ବଚ୍ଚନଙ୍କୁ ତାଙ୍କ ପାର୍ଶ୍ୱରୁ କିଛି ମଜାଦାର ପ୍ରଶ୍ନ ମଧ୍ୟ ପଚାରିଥିଲେ। ପ୍ରିୟଙ୍କାଙ୍କ ପ୍ରଶ୍ନଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଅମିତାଭ ବଚ୍ଚନଙ୍କୁ ସୁପରଷ୍ଟାର ଭାବରେ ଦେଖିବା ପରେ ମଧ୍ୟବି□ ଲୋକଙ୍କ ମନକୁ ଆସୁଥିବା ପ୍ରଶ୍ନଗୁଡିକ ସେ ପଚାରିଥିଲେ। ସର୍ବପ୍ରଥମେ ସେ ଅମିତାଭ ବଚ୍ଚନଙ୍କୁ ପଚାରିଲେ ଯେ, ଆପଣଙ୍କ ଘର ଏତେ ବଡ, ତେଣୁ ଯେତେବେଳେ ଆପଣଙ୍କର ଟିଭି ରିମୋଟ ହଜିଯାଏ, ଆପଣ ଏହାକୁ କିପରି ପାଇଥାନ୍ତି ? ତାଙ୍କ ପ୍ରଶ୍ନର ଉତ୍ତର ଦେଇ ଅମିତାଭ ବଚ୍ଚନ କହିଥିଲେ ଯେ, ଯେତେବେଳେ ବି ଏହା ଘଟେ, ମୁଁ ସିଧା ସେଟ୍ ଟପ୍ ବକ୍ସକୁ ଯାଇ ଟିଭି ନିୟନ୍ତ୍ରଣ କରିଥାଏ। ଅମିତାଭ ବଚ୍ଚନଙ୍କ ଉତ୍ତର ଶୁଣିବା ପରେ ପ୍ରିୟଙ୍କା ତାଙ୍କୁ ମଧ୍ୟ ପଚାରିଥିଲେ ଯେ, ଯେତେବେଳେ ରିମୋଟ ହଜିଯାଏ, ପରିବାରରେ ଝଗଡା ଆରମ୍ଭ ହୋଇଥାଏ କି? କାହା ପାଇଁ ଏହା ହଜିଛି ସେଥିପାଇଁ ଝଗଡା ହୁଏ କି? ଏହି ପ୍ରସଙ୍ଗରେ ଅମିତାଭ ବଚ୍ଚନ ପ୍ରିୟଙ୍କାଙ୍କୁ ନିଜ ଶୈଳୀରେ ଉତ୍ତର ଦେଇ କହିଥିଲେ ଯେ, ନା ଦେବୀ ଜୀ, ଆମ ଘରେ ଟିଭି ରିମୋଟ ପ୍ରାୟତଃ ସୋଫାରେ ରଖାଯାଇଥିବା ତକିଆ ତଳେ ଲୁଚାଇ ରଖାଯାଇଥାଏ। ଏହାକୁ କେବଳ ଖୋଜିବାର ଆବଶ୍ୟକ ହୋଇଥାଏ। ଏହି କାରଣରୁ, ରିମୋଟ୍ ସମ୍ବନ୍ଧରେ ଘରେ କେଣସି ଝଗଡା ହୁଏ ନାହିଁ। ପ୍ରିୟଙ୍କାଙ୍କ ପ୍ରଶ୍ନ ଶେଷ ହୋଇ ନ ଥିଲା। ସେ ଅମିତାଭ ବଚ୍ଚନଙ୍କୁ ଏହା ମଧ୍ୟ ପଚାରିଥିଲେ ଯେ, ତାଙ୍କ ଘରୁ ଅଫିସରୁ ସେ ଘରକୁ ଫେରୁଥିବାବେଳେ ତାଙ୍କୁ ପନିପରିବା କିମ୍ବା କିଛି ସାମଗ୍ରୀ ଆଣିବାକୁ କୁହାଯାଇଥାଏ କି? ଅମିତାଭ ବଚ୍ଚନ ସୁଟିଂରୁ ଘରକୁ ଫେରିବା ସମୟରେ ଜୟା ବଚ୍ଚନ କିଛି ଜିନିଷ ଆଣିବାକୁ କହିଥାନ୍ତି କି? ଏହାର ଜବାବରେ ଅମିତାଭ ବଚ୍ଚନ କହିଥିଲେ, ଅବଶ୍ୟ ଜୟା କହିଥାନ୍ତି ଯେ, ମୋତେ ନିଜକୁ ନିରାପଦରେ ଘରେ ପହଞ୍ଚାଇବାକୁ ପଡିବ।ଏହା ସହିତ ଯେତେବେଳେ ପ୍ରିୟଙ୍କା ଅମିତାଭ ବଚ୍ଚନଙ୍କୁ ପଚାରିଥିଲେ ଯେ, ଆପଣ ଏଟିଏମରୁ ଟଙ୍କା ଉଠାଇଛନ୍ତି କି? କିମ୍ବା ଆପଣ ଆପଣଙ୍କର ବାଲାନ୍ସ ଯାଞ୍ଚ କରନ୍ତି କି? ଏହି ପ୍ରଶ୍ନର ଉତ୍ତରରେ ଅମିତାଭ ବଚ୍ଚନ କହିଥିଲେ ଯେ, ସେ କେବେ ଏଟିଏମକୁ ଯାଇ ନାହାନ୍ତି। ତାଙ୍କ ପାଖରେ ନଗଦ ଟଙ୍କା ମଧ୍ୟ ନାହିଁ। ସେ କହିଥିଲେ, ମୁଁ ଏସବୁ ବୁଝିପାରେ ନାହିଁ। ଜୟା ଜୀ ପାଖରେ ଟଙ୍କା ରହିଥାଏ। ଆବଶ୍ୟକ ପଡିଲେ ମୁଁ ତାଙ୍କଠାରୁ ଏହା ମାଗିନିଏ।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।



ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

## ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ।



ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ। ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ଭାରତୀୟ ମୂଲ୍ୟବୋଧ ଆଧାରରେ ନୂଆ ପିଢ଼ି ତିଆରି କରୁଛି ଶିଶୁ ମନ୍ଦିର : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଶିଶୁ ମନ୍ଦିର ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ । ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ସବୁଠୁ ବଡ଼ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର କଳା, ସାହିତ୍ୟ ଓ ସଂସ୍କୃତିର ଭୂମି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଡ଼ିହପଢ଼ାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଭବନ ଉଦଘାଟନ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ନିଜ ଧର୍ମ ଓ ରାଷ୍ଟ୍ରକୁ ଭଲପାଇବା ତଥା ଏହାପାଇଁ ଆନୁଗତ୍ୟ ଦେଖାଇବାରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ସବୁବେଳେ ଆଗରେ ରହିଆସିଛନ୍ତି । ଓଡ଼ିଶାରେ ପ୍ରାୟ ୬୧ ହଜାର ସ୍କୁଲ ଥିବାବେଳେ ସେଥିମଧ୍ୟରୁ ଶିଶୁ ମନ୍ଦିରର ସଂଖ୍ୟା ହେଉଛି ପ୍ରାୟ ୧ ହଜାର । ଓଡ଼ିଶାରେ ୭୬ ଲକ୍ଷ ଛାତ୍ରଛାତ୍ରୀ ସ୍କୁଲରେ ପାଠ ପଢୁଥିବା ବେଳେ ଶିଶୁ ମନ୍ଦିରରେ ପ୍ରାୟ ୩ ଲକ୍ଷ ୭୦ ହଜାର ପିଲା ପାଠ ପଢୁଛନ୍ତି । ଗଞ୍ଜାମର ନୀଳକଣ୍ଠ ନଗର ଶିଶୁ ମନ୍ଦିର ରାଜ୍ୟର ଅଗ୍ରଣୀ ବିଦ୍ୟାଳୟ ଭାବେ ଉଭା ହୋଇଛି । ତେବେ ଶିଶୁ ମନ୍ଦିର ପାଖରେ ଏକ ଯାଦୁ ଅଛି । ପିଲାମାନେ ଏହି ଠାରୁ ପାଠ ପଢି କେବଳ ଡିଗ୍ରୀ ଓ ସାର୍ଟିଫିକେଟ୍ ପାଉନାହାନ୍ତି । ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରି ସମାଜରେ ଜଣେ ଜଣେ ଉତ୍ତମ ନାଗରିକ ହେଉଛନ୍ତି । ଏହି ଶିକ୍ଷା ରୂପକ ମନ୍ଦିରରୁ ପାଠ ପଢୁଥିବା ପିଲାମାନେ ସମାଜରେ ଜଣେ ସଫଳ ଓ ଦାୟିତ୍ୱବାନ ନାଗରିକ ଭାବେ ପରିଚିତ ହେଉଛନ୍ତି, ଯାହା ଆମ ପାଇଁ ଗର୍ବର ବିଷୟ ।



୧୯୯୦ରୁ ସ୍ଥାପିତ ଡ଼ିହପଢ଼ାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୫ ବର୍ଷ ଧରି ଉପାନ୍ତ ଅଂଚଳରେ ନିରନ୍ତର ଶିକ୍ଷା ପ୍ରଦାନ କରିଚାଲିଛି । ଭାରତୀୟ ଶିକ୍ଷା ପ୍ରଣାଳୀରେ ଲୋକମାନଙ୍କୁ ଯୋଡିବା ପାଇଁ ଭଞ୍ଜ ମାଟିରେ ପ୍ରତିଷ୍ଠିତ ଏହି ଶିଶୁ ମନ୍ଦିରରୁ ପାଠ ପଢି ଅନେକ ଛାତ୍ରଛାତ୍ରୀ ଆଇଆଇଟି ଓ ଏନଆଇଟିରେ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି ତ ଅନେକ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଅନେକ ଛାତ୍ରଛାତ୍ରୀ ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି, ଯାହା ପ୍ରଶଂସନୀୟ । ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବାରେ ଏହି ଶିଶୁ ମନ୍ଦିର ଅଗ୍ରଣୀ ଭୂମିକା ନେଇଛି । ଏହି ବିଦ୍ୟା ମନ୍ଦିରର ବିକାଶ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି। ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଓଡ଼ିଶା ସମେତ ଦେଶରେ ଜାତୀୟ ଶିକ୍ଷା ନୀତି - ୨୦୨୦ ଲାଗୁ ହୋଇଛି । ନିଜ ପାଇଁ ନୁହେଁ, ଜାତି, ସମାଜ ଏବଂ ଆମ ସଂସ୍କୃତିର ଉତ୍ଥାନ ପାଇଁ ନିରନ୍ତର କାମ କରିବାର ବିଚାର ଏହି ଶିକ୍ଷା ନୀତିରେ ଅନ୍ତର୍ନିହିତ ଅଛି । ଏହି ବିଚାର ଉତ୍ପନ୍ନ ହୋଇଛି ବିଦ୍ୟା ଭାରତୀ, ଶ୍ରୀଅରବିନ୍ଦ ସ୍କୁଲ, ସତ୍ୟସାଇ ସ୍କୁଲ ଓ ଚିନ୍ମୟ ମିଶନ ଭଳି ଅନୁଷ୍ଠାନମାନଙ୍କରୁ।

ଏହି ଅବସରରେ ଶ୍ରୀ ପ୍ରଧାନ ଭାରତକୁ ସାମାଜିକ ଓ ଆର୍ଥିକ ସ୍ତରରେ ପରାଧୀନ ରଖିବା ପାଇଁ ଟି.ବି.ମାକାଉଲେ ପ୍ରଚଳନ କରିଥିବା ଶିକ୍ଷା ପଦ୍ଧତି, ଷଡଯନ୍ତ୍ର ଏବଂ ଶିକ୍ଷା ପ୍ରଣାଳୀକୁ ବଜାୟ ରଖିଥିବା ଦେଶର ମହାପୁରୁଷଙ୍କ ଉପରେ ଆଲୋକପାତ କରିଥିଲେ । ସେ ଆହୁରି କହିଥିଲେ ୱିଲିଅମ ସେକ୍ସପିୟର ଙ୍କ କାବ୍ୟଠୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ "ବୈଦେହୀଶ ବିଳାସ" କେଉଁ ଗୁଣରେ କମ ନଥିଲା । ଏହା ଭାରତୀୟତା ମୂଳ ଚରିତ୍ର । ଏହିପରି ଅନେକ ମହାପୁରୁଷଙ୍କ କାରଣରୁ ବ୍ରିଟିଶମାନେ ଭାରତୀୟ ଶିକ୍ଷା ପ୍ରଣାଳୀକୁ ନଷ୍ଟ କରିପାରିନଥିଲେ । ଏହି ପରମ୍ପରାକୁ ବଜାୟ ରଖି ଭାରତୀୟ ଶିକ୍ଷା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ପାଇଁ ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାକୁ ସମୃଦ୍ଧ କରିବାକୁ ପଡ଼ିବ । ଭଞ୍ଜ ସାହିତ୍ୟକୁ ବଂଚାଇବା ପାଇଁ ପଡିବ । ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରୁଥିବା ବେଳେ ଗଞ୍ଜାମ ଓ ଓଡ଼ିଶାକୁ ବିକଶିତ କରିବା ପାଇଁ ହେବ । ଏହି ଭଞ୍ଜ ଭୂମିରୁ ବାହାରୁ ଥିବା ପିଲାମାନେ ବିଶ୍ୱ ସମସ୍ୟାର ସମାଧାନ କରିବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

## ଅଦିନିଆ ବର୍ଷାରେ ଫସଲ କ୍ଷତି ଆଶଙ୍କା
# 'କୃଷି ରକ୍ଷକ' ପୋର୍ଟାଲ କିମ୍ବା ହେଲ୍ପଲାଇନରେ ଜଣାଇବାକୁ ପରାମର୍ଶ

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବୀମାଭୁକ୍ତ ଚାଷୀଙ୍କୁ ଉଚିତ କ୍ଷତି ପୂରଣ ଦିଆଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ନିୟମାନୁଯାୟୀ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତି ପାଇଁ ମଧ୍ୟ ବୀମା ସହାୟତା ପ୍ରଦାନ କରାଯାଏ । ଯଦି ଅମଳ ହୋଇଥିବା ଫସଲ କ୍ଷେତରେ ବିଡା ବନ୍ଧା ଅବସ୍ଥାରେ କିମ୍ବା ଖଳାରେ ଶୁଖାଯାଇଥିବା ଅବସ୍ଥାରେ ଅମଳର ୧୪ ଦିନ ମଧ୍ୟରେ ଅଦିନିଆ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି, ତେବେ ବୀମା ସହାୟତା ପ୍ରଦାନ ପାଇଁ ଚାଷୀମାନେ ଯୋଗ୍ୟ ଅଟନ୍ତି । ଏଥିପାଇଁ କ୍ଷତି ହେବାର ୭୨ ଘଂଟା ମଧ୍ୟରେ "କୃଷି ରକ୍ଷକ" ପୋର୍ଟାଲ କିମ୍ବା "କୃଷି ରକ୍ଷକ ହେଲ୍ପଲାଇନ ନମ୍ବର" ୧୪୪୪୭ ରେ ସୂଚନା ଦେବାକୁ ଗଣମାଧ୍ୟମ ଜରିଆରେ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ବିଗତ କିଛି ଦିନ ଧରି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଦେଓଗଡ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ପୁରୀ, ରାୟଗଡା ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି ।କ୍ଷତି ପୂରଣ ପାଇବା ପାଇଁ ପଞ୍ଜୀକୃତ ଚାଷୀମାନେ କ୍ଷତି ହେବାର ୭୨ ଘଂଟା ମଧ୍ୟରେ "କୃଷି ରକ୍ଷକ" ପୋର୍ଟାଲ କିମ୍ବା "କୃଷି ରକ୍ଷକ ହେଲ୍ପଲାଇନ ନମ୍ବର" ୧୪୪୪୭ ରେ ସୂଚନା ଦେବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

# ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ସଂପର୍କିତ ପରିଚାଳନା ବୈଠକ

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ଉଦ୍ଦିଷ୍ଟ 'ସୁଭଦ୍ରା'ଯୋଜନାର କାର୍ଯ୍ୟକାରିତା ସଂପର୍କିତ ୨ୟ ପରିଚାଳନା କମିଟି ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସୁଭଦ୍ରା ୪ ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ପ୍ରଥମ କିଛି ଅର୍ଥ ପ୍ରେରଣ ସଂପର୍କରେ ଆଲୋଚନା କରାଯାଇଥିଲା । ଯୋଜନା ଓ ସଂଯୋଜନ ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମନୀଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ସାଧାରଣ ପରିଚାଳକ, ଓକାକ୍ ଶ୍ରୀ ପ୍ରଦୀପ ରାଉତଙ୍କ ସମେତ ସଂପୃକ୍ତ ବିଭାଗର ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।



ବୈଠକରେ ଅଧକ୍ଷତା କରି ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ଆକାଉଂଟକୁ ଅର୍ଥ ପ୍ରେରଣ ନିମନ୍ତେ ଚିହ୍ନଟ ଏବଂ ଦରଖାସ୍ତ ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ ଆବଶ୍ୟକ ପରାମର୍ଶ ଏବଂ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା 'ସୁଭଦ୍ରା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟରେ କିପରି ଅଧିକରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଅର୍ଥ ସେମାନଙ୍କ ଆକାଉଂଟକୁ ପ୍ରେରଣ କରାଯାଇପାରିବ, ସେଥିପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ସଂପର୍କରେ ବିଶଦ୍ ଭାବେ ଉପସ୍ଥାପନ କରିଥିଲେ । ସୁଭଦ୍ରା ହିତାଧିକାରୀଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସହ ଏଥି ସଂପର୍କିତ ତଥ୍ୟ ବିଶ୍ଳେଷଣ ପାଇଁ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାର କରାଯିବ । ସୁଭଦ୍ରାର କାର୍ଯ୍ୟକାରିତା ସଂପର୍କିତ ସମକାଳୀନ ମୂଲ୍ୟାୟନ ପାଇଁ ଖ୍ୟାତି ସମ୍ପନ୍ନ ଅନୁଷ୍ଠାନଗୁଡ଼ିକର ସହଯୋଗ ନିଆଯିବା ସଂପର୍କରେ ଆଲୋଚନା କରାଯାଇଛି । ସେହିପରି ସୁଭଦ୍ରା ହିତାଧାକାରୀ ସହ ସମନ୍ୱୟ ରଖାଯାଇ ସେମାନଙ୍କର ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳତା ଉପାୟ ଏବଂ ସୁଭଦ୍ରା ସଂପର୍କିତ ଅଭିଯୋଗ ପାଇଁ "ସୁଭଦ୍ରା ଶିବିର" ଆୟୋଜନ କରାଯିବା ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ୟୁଏଲବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସର ପୂର୍ବପର୍ଯ୍ୟାୟ ପରି, ଏହି ପର୍ଯ୍ୟାୟ ପାଇଁ ଆବେଦନଗୁଡିକ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ୱେବ୍‌ପୋର୍ଟାଲ୍ ମାଧ୍ୟମରେ ଅନଲାଇନରେ ଗ୍ରହଣ କରାଯିବ। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁଗମ ଆବେଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ, ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପରାମର୍ଶ ଦେଇଛି ଯେ ୟୁ ଏଲ୍ ବି ଗୁଡିକ ସେମାନଙ୍କ କାର୍ଯ୍ୟାଳୟରେ ହେଲ୍ପଡେସ୍କ ପ୍ରତିଷ୍ଠା କରନ୍ତୁ, ୱାର୍ଡ ମାନଙ୍କରେ ଶିବିର ଆୟୋଜନ କରନ୍ତୁ ଏବଂ ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ସେବା କେନ୍ଦ୍ର ସହିତ ସହଯୋଗ କରନ୍ତୁ। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି) ଗତକାଲି ଗାଡକଣରେ ଏକ ଶିବିର ଆୟୋଜନ କରି ଏହି ପ୍ରକ୍ରିୟା ଆରମ୍ଭ କରିଛି। ଗାଡକଣ ଠାରେ ଏହି ଶିବିର ଆୟୋଜନ କରିବାର ମହତ୍ୱ ରହିଛି, କାରଣ ପ୍ରଧାନମନ୍ତ୍ରୀ ତାଙ୍କର ୭୪ ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪) ରେ ପରିଦର୍ଶନ କରିବା ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କ ସହିତ କଥା ହୋଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରମୁଖ ଶାସନ ସଚିବଙ୍କ ମାର୍ଗଦର୍ଶନରେ ଗାଡକଣଙ୍କୁ ଏକ ମଡେଲ ଗ୍ରାମ ଭାବରେ ବିକାଶ ପାଇଁ ମନୋନୀତ ହୋଇଛି। ଓ୍ୟୁଏଚ୍‌ଏମ୍‌ର ସହଯୋଗରେ ଅନୁଷ୍ଠିତ ଏହି ଉଦଘାଟନୀ ଶିବିରରେ ଉକ୍ତ ଯୋଜନାରୁ ଲାଭ ପାଇବାକୁ ଇଚ୍ଛା କରୁଥିବା ପରିବାରଗୁଡିକ ଆବେଦନପତ୍ର ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଆଣିବାକୁ ହିତାଧିକାରୀମାନଙ୍କୁ କୁହାଯାଇ ଥିଲା।




# ଟିବି ପୀଡିତଙ୍କୁ ପୁଷ୍ଟି କିଟ୍ ବିତରଣ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ତଥା ସୁଶାସନ ଦିବସ ଏବଂ ପବିତ୍ର ବଡ ଦିନରେ ସମ୍ବଲପୁର ଜିଲ୍ଲାର ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବା ଟିବି ପୀଡ଼ିତ ଭାଇ ଭଉଣୀମାନଙ୍କୁ ମାସିକ ପୁଷ୍ଟି କିଟ୍ ପ୍ରଦାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସମବେତ ଜନସାଧାରଣଙ୍କୁ ଟିବି ମୁକ୍ତ ପାଇଁ ଶପଥ ପାଠ କରାଇବା ସହ ୨୦୨୫ ଡିସେମ୍ବର ସୁଦ୍ଧା ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଛନ୍ତି।



ଟିବି ମୁକ୍ତ ଭାରତ ଅଭିଯାନ ଅଧୀନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ ନୁହେଁ। ପରିବେଶ ପ୍ରଦୂଷଣ, ଦାରିଦ୍ର୍ୟ ଓ ସଚେତନତା ଅଭାବରୁ ଲୋକମାନେ ଏହି ରୋଗର ଶୀକାର ହୋଇଥାନ୍ତି। ସମ୍ବଲପୁର ଜିଲ୍ଲାରେ ସରକାରୀ ପଞ୍ଜିକୃତ ହୋଇଥିବା ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଅଛି ୧୪୩୫। ତନ୍ମଧ୍ୟରୁ ୧୧୮୫ ଜଣ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା କରାଯାଉଛି। ଅଧିକ ୨୫୦ ଜଣ ରୋଗୀ ଏହି ସଂଖ୍ୟାରେ ଯୋଡି ହୋଇଛନ୍ତି। ତେବେ ପୁଷ୍ଟିକର ଖାଦ୍ୟ, ଆଧୁନିକ ଚିକିତ୍ସା ଏବଂ ଜନ ଭାଗିଦାରୀ ବଳରେ ଟିବିର ସମ୍ପୂର୍ଣ୍ଣ ବିଲୋପ କରାଯାଇପାରିବ। ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଧରି ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡିବ। ସମ୍ବଲପୁର ସମେତ ସମଗ୍ର ଓଡ଼ିଶାକୁ ଟିବି ମୁକ୍ତ କରାଇବା ପାଇଁ ପଡିବ। ପ୍ରଦୂଷଣକୁ ହ୍ରାସ କରିବା ପାଇଁ ସୁବଜ ପରିବେଶ ସୃଷ୍ଟି କରିବାକୁ ହେବ।

ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ସମେତ ଓଡ଼ିଶାରେ ନିକ୍ଷୟ ମିତ୍ର ଏବଂ କମ ସମୟରେ ପ୍ରଭାବୀ ଉପଚାର ଭଳି ପଦକ୍ଷେପ ଯୋଗୁ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ଜନପ୍ରତିନିଧି ଓ କର୍ପୋରେଟ୍ ସଂସ୍ଥାମାନେ ଦାୟିତ୍ୱ ନେଉଛନ୍ତି। ଏହି ଟିବି ମୁକ୍ତ ଅଭିଯାନରେ ପୀଡିତ ଓ ସେମାନଙ୍କ ପରିବାରର ସେବା ପାଇଁ ସମାଜର ପ୍ରବୁଦ୍ଧ ବ୍ୟକ୍ତି, ଯୁବ ସଂଗଠନ, ସାମାଜିକ ସଂଗଠନ ଓ ନାଗରିକମାନେ ବି ବ୍ୟକ୍ତିଗତ ଭାବରେ ସାମିଲ ହୁଅନ୍ତୁ। ଯକ୍ଷ୍ମା ରୋଗୀଙ୍କ ସହ ସେମାନଙ୍କ ପରିବାରକୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତାର ଦାୟିତ୍ୱ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ହାଇସେନ୍ସ ଲେଜର ଟିଭିର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୧୨ (ମହାଭାରତ):** କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ସଂସ୍ଥା ହାଇସେନ୍ସ ୧୨୦ ଇଞ୍ଚର ଲେଜର ଟିଭିକୁ ଉନ୍ମୋଚନ କରିଛି। ହାଇସେନ୍ସର ଉନ୍ମୋଚନ ହାଇସେନ୍ସର ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ରଣନୀତିରେ ଏକ ପ୍ରମୁଖ ମାଇଲଖୁଣ୍ଟକୁ ସୂଚିତ କରିବା ସହ ଏବଂ ଭାରତୀୟ ଉପଭୋକ୍ତାଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ କରିବାକୁ କମ୍ପାନୀର ଉତ୍ସର୍ଗୀକୃତତାକୁ ସୂଚିତ କରେ। ହାଇସେନ୍ସର ପେଟେଣ୍ଟେଡ୍ ଟ୍ରାଇକ୍ରୋମା ଲେଜର ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରୁଥିବା ଲେଜର ଟିଭିର ଶୁଭାରମ୍ଭ। ଏହାର ଚମତ୍କାର ଭିଜୁଆଲ୍ ଏବଂ ଇମର୍ସିଭ ସାଉଣ୍ଡ ଅନୁଭୂତି ସହିତ ଘରୋଇ ମନୋରଞ୍ଜନକୁ ପୁନଃସଂଜ୍ଞାୟିତ କରିବ ବୋଲି ଆଶା କରାଯାଉଛି। ୧୨୦ ଇଞ୍ଚର ଆମ୍ବିଏ ଲାଇଟ୍ ରିଜେକ୍ସନ (ଏଏଲଆର) ସ୍କ୍ରିନ୍, ଡଲବି ଭିଜନ, ଡଲବି ଆଟମୋସ୍ ଏବଂ ଉନ୍ନତ ଏଆଇ-ଚାଳିତ ରିୟଲ୍ ଟାଇମ୍ ଅପ୍ଟିମାଇଜେସନ୍ ସହିତ ମିଳିତ ଭାବେ ପୂର୍ବ ଭାରତର ଉପଭୋକ୍ତାମାନଙ୍କ ପାଇଁ ଏକ ଅତୁଳନୀୟ ସିନେମାଟିକ୍ ଅନୁଭୂତି ପ୍ରଦାନ କରୁଛି।

ଲେଜର ଟିଭି ସେଗମେଣ୍ଟରେ ହାଇସେନ୍ସ ଏକ ନମ୍ବର ବ୍ରାଣ୍ଡ ଭାବରେ ବିଶ୍ୱ ମାନ୍ୟତା ହାସଲ କରିସାରିଛି ଏବଂ ଏହି ଲ ଭାରତୀୟ ବଜାରରେ ଏହାର ବିସ୍ତାରପାଇଁ ମଧ୍ୟ ପ୍ରସ୍ତୁତ କରିଛି। ହାଇସେନ୍ସ ଇଣ୍ଡିଆର ସିଇଓ ପଙ୍କଜ ରାଣା କହିଛନ୍ତି ଯେ, ପୂର୍ବ ଭାରତରେ ଆମର ଫ୍ଲାଗସିପ୍ ଲେଜର ଟିଭି ଉନ୍ମୋଚନ ହେବା ସହିତ ଆମେ ଉଭୟ ଅତ୍ୟାଧୁନିକ ପ୍ରଦର୍ଶନ ପ୍ରଯୁକ୍ତି ଏବଂ ଶୀର୍ଷ ସ୍ତରୀୟ ସାଉଣ୍ଡ କ୍ୱାଲିଟିକୁ ସମନ୍ୱିତ ଘରୋଇ ମନୋରଞ୍ଜନ ଅନୁଭୂତି ପ୍ରଦାନ କରି ଆନନ୍ଦିତ ଅଛୁ। ହାଇସେନ୍ସ ସେମାନଙ୍କର ଏହି ବୃହତ ପରଦା ଟେଲିଭିଜନ ସମ୍ପୂର୍ଣ୍ଣ ମନୋରଂଜନ ପ୍ରଦାନ କରିଥାଏ, ଯେଉଁଥିରେ କ୍ୟୁଏଲଇଡି ୧୦୦ ଇଞ୍ଚର କ୍ୟୁ୭ଏନ, ମିନି-ଏଲଇଡି ୟୁ୬ଏନ ପିଆରଓ ଏବଂ କ୍ୟୁ୬ଏନ ମଡେଲ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଟିଭିରେ ଉଚ୍ଚ ରିଫ୍ରେସ୍ ରେଟ୍, ଫୁଲ୍ ଆରେ ଲୋକାଲ ଡିମିଂ, ଡଲବି ଭିଜନ ଆଇକ୍ୟୁ ଏଚଡିଆର ଏବଂ ଡଲବି ଆଟମୋସ୍ ଭଳି ଶିଳ୍ପ-ଅଗ୍ରଣୀ ବୈଶିଷ୍ଟ୍ୟ ରହିଛି, ଯାହା ଏହାର ଉପଭୋକ୍ତାଙ୍କ ପାଇଁ ଏକ ଅସାଧାରଣ ଦର୍ଶନ ଅନୁଭୂତି ସୁନିଶ୍ଚିତ କରେ।

# ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ସମୀକ୍ଷା

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଜାନୁୟାରୀ ମାସ ୮ ରୁ ୧୦ତାରିଖ ଯାଏଁ ଭୁବନେଶ୍ୱରସ୍ଥିତ ଜନତା ମୈଦାନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସ ୨୦୨୫ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମାନଜନକ କାର୍ଯ୍ୟକ୍ରମର ସଫଳତାକୁ ନିଶ୍ଚିତ କରିବା ନିମନ୍ତେ ସମସ୍ତ ବିଭାଗଗୁଡିକର ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି । ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଜଗନ୍ନାଥ ମନ୍ଦିର, ଚିଲିକା ହ୍ରଦ ଏବଂ ରଘୁରାଜପୁର ଐତିହ୍ୟ ଗ୍ରାମ ସହିତ ରାଜ୍ୟର ପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପକୁ ପ୍ରଦର୍ଶନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ପ୍ରମୁଖ ଗନ୍ତବ୍ୟସ୍ଥଳର ସୌନ୍ଦର୍ଯ୍ୟକରଣ ଏବଂ ପ୍ରବାସୀ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇଦେବା ଦିଗକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା ଏବଂ ବିଭାଗୀୟ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ଇଏସ୍ଆଇ ଡ଼ାକ୍ତରଖାନାରେ ଡ଼ାଇଲିସିସ୍ ୟୁନିଟ ଉଦଘାଟିତ

**ଭୁବନେଶ୍ୱର,୨୬।୧୨ (ମହାଭାରତ):** ଭୁବନେଶ୍ୱରସ୍ଥିତ ଇ.ଏସ୍.ଆଇ ହସ୍ପିଟାଲଠାରେ ବୀମାଭୁକ୍ତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ନିମନ୍ତେ ଏକ ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ଓ ଲୋକାର୍ପିତ ହୋଇଛି ।

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଂଟିଆ ଏହାକୁ ଉଦଘାଟନ କରି କହିଲେ ଯେ, ଆଜି ଆମ ସମସ୍ତଙ୍କ ପାଇଁ ଏକ ଆନନ୍ଦର ମୁହୂର୍ତ୍ତ । ସମ୍ପ୍ରତି କିଡ଼ନି, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଦେଉଥିବା ପରିପ୍ରେକ୍ଷୀରେ ଏହି ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ବୀମାଭୁକ୍ତ କର୍ମଚାରୀ ଓ ତାଙ୍କର ପରିବାରର ସଦସ୍ୟଗଣ ବିନା ଦେୟରେ ଡ଼ାଇଲିସିସ୍ ଚିକିତ୍ସା ସେବା ପାଇପାରିବେ। ଭୁବନେଶ୍ୱର ଜୋନ ଅଧିନସ୍ଥ ସମସ୍ତ ଚିକିତ୍ସାଳୟରୁ ମଧ୍ୟ ପ୍ରେରିତ ହୋଇ ଏଠାରେ ଚିକିତ୍ସିତ ହୋଇ ପାରିବେ । ଏହି ଚିକିତ୍ସା ସେବା ପ୍ରଥମ ଥର ପାଇଁ ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଆରମ୍ଭ କରାଗଲା ଓ ଏହି ସେବା ଯେପରି ସମସ୍ତ ବୀମାଭୁକ୍ତ କର୍ମଚାରୀ ପାଇପାରିବେ ସେଥିପାଇଁ ସମସ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ ଶ୍ରୀ ସିଂ ଖୁଂଟିଆ ପୁଣି କହିଲେ ଯେ ଏଥି ନିମନ୍ତେ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧିନରେ ବିନାଦେୟରେ ୧୨ଟି ପରବର୍ତ୍ତୀ ଯତ୍ନ (ସେକେଣ୍ଡାରୀ କେୟାର) ଓ ୧୨ଟି ସ୍ୱତନ୍ତ୍ର ବିଶେଷଜ୍ଞ ଯତ୍ନ (ଟର୍ଷିଆରୀ କେୟାର) ସହ ଚୁକ୍ତି କରାଯାଇଛି । ଏହି ଡ଼ାଇଲିସିସ୍ ସେବା ଚୌଦ୍ୱାର ଇ.ଏସ୍.ଆଇ ଚିକିତ୍ସାଳୟରେ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ। ଖୁବଶୀଘ୍ର ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଏକ ସୁପର ସ୍ପେସିଆଲିଟି ଆଉଟଡୋର ମଧ୍ୟ ଆରମ୍ଭ ହେବାକୁ ଯାଉଛି । ଏହାଛଡା ଆଉ ୫ଟି ନୂତନ ଇ.ଏସ୍.ଆଇ ଡ଼ାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ୧୯୬୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଥିବା କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ଓଡ଼ିଶାରେ ୪ ଟି ଇ.ଏସ୍.ଆଇ ହସ୍ପିଟାଲ ଓ ୫୩ ଟି ଇ.ଏସ୍.ଆଇ ଡିସପେନସାରୀ ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଉଅଛି। କର୍ମଚାରୀ ରାଜ୍ୟ ବୀମା ଯୋଜନା ଏକ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା, ଯେଉଁଥିରେ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ । ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟମାନେ ମଧ୍ୟ ଏହି ବୀମା ସେବା ପାଇଥାନ୍ତି । ହିତାଧିକାରୀମାନଙ୍କୁ ସଂପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇ ଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ । ରାଜ୍ୟ ସରକାର ବୀମାଭୁକ୍ତ କର୍ମଚାରୀ ମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ବିନା ବାଧାରେ ଯୋଗାଇ ଦେବାକୁ ପ୍ରତିଶୃତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରମ କମିଶନର ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, କର୍ମଚାରୀ ରାଜ୍ୟ ବୀମା ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ପଣ୍ଡା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ରାଜେଶ ଅଗ୍ରୱାଲ ଏବଂ ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାର ଅଧକ୍ଷ ଡ଼ାକ୍ତର ଶ୍ରୀକାନ୍ତ ଦେବତା ତଥା ଅନ୍ୟାନ୍ୟ ବୀମା ଚିକିତ୍ସା ଅଧିକାରୀ ଓ ଡ଼ାକ୍ତରଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ପରେ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଇ.ଏସ୍.ଆଇ ହସ୍ପିଟାଲଗୁଡିକର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା ଓ ବିଭିନ୍ନ ଶ୍ରମିକ ସଂଘର ପ୍ରତିନିଧିମାନେ ଶ୍ରମମନ୍ତ୍ରୀଙ୍କୁ ଭେଟି ଶ୍ରମିକମାନଙ୍କ ସୁବିଧା ଅସୁବିଧା ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଇଣ୍ଡିଆ ବ୍ଲକରେ ଫାଟ

କଂଗ୍ରେସ ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଭିଯୋଗ ଯଥାର୍ଥ। ଲୋକସଭା ନିର୍ବାଚନ ଏବଂ ଏହା ପରବର୍ତ୍ତୀ ସମୟରେ ଯେତେ ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ହୋଇଛି ସେଥିରୁ ଅଧିକାଂଶ ମୁକାବିଲାରେ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି। ଜାମ୍ମୁ-କାଶ୍ମୀର ଏବଂ ଝାଡ଼ଖଣ୍ଡରେ ଇଣ୍ଡିଆ ବ୍ଲକ ବିଜୟୀ ହୋଇଛି। କିନ୍ତୁ ସେଠାରେ କଂଗ୍ରେସ ନୁହେଁ, ନ୍ୟାସନାଲ କନଫରେନ୍ସ ଏବଂ ଜେଏମଏମ ଭଳି ଆଞ୍ଚଳିକ ଦଳ ବିଜୟୀ ହୋଇଛି। ଉଭୟ ରାଜ୍ୟରେ କଂଗ୍ରେସ ମୁଖ୍ୟ ଦଳ ନଥିଲା। କେବଳ ସହଯୋଗୀ ଥିଲା। ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲା ଏବଂ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଲଢ଼ିଥିଲା। ଅନ୍ୟ ପକ୍ଷରେ ହରିୟାନା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ଥିଲା ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି। ସେଠାରେ ବିଜେପିକୁ ଏହା ରୋକିବାରେ ବିଫଳ ହେଲା। ଏହାର ଏକ ମୁଖ୍ୟ କାରଣ ହେଲା କଂଗ୍ରେସ ନିଜ ସହଯୋଗୀମାନଙ୍କୁ ଏକାଠି କରିବାରେ ବିଫଳ ହୋଇଛି। ହରିୟାନାରେ ଏହା ଆପ ସହ ଆସନ ବୁଝାମଣା କରିଥିଲେ ବିଜେପିକୁ ପରାଜିତ କରାଯାଇପାରିଥାଆନ୍ତା। ମହାରାଷ୍ଟ୍ରରେ ଯଦିଓ ଇଣ୍ଡି ମେଣ୍ଟ ମିଳିତ ଭାବେ ଲଢୁଥିଲା, କିନ୍ତୁ ଉପଯୁକ୍ତ ରଣନୀତି ଅଭାବରୁ ଏହା ପରାଜିତ ହେଲା। କଂଗ୍ରେସ ବିଫଳ ହେବାର ଏକ ମୁଖ୍ୟ କାରଣ ହେଲା ଦଳରେ ମିଳିତ ନେତୃତ୍ୱର ଅଭାବ। ରାହୁଲଙ୍କ ବ୍ୟତିତ ଦଳରେ ଆଉ କେହି ସେଭଳି ପ୍ରଭାବୀ ନେତା ନାହାଁନ୍ତି। ସମସ୍ତେ ଗାନ୍ଧି ପରିବାରର ଜୟ ଜୟକାର କରିବାରେ ବ୍ୟସ୍ତ। ନିଜକୁ ଜଣେ ଟାଣୁଆ ନେତା ଭାବେ ପ୍ରତିଷ୍ଠା କରିବାର ସତସାହସ କାହାର ନାହିଁ। କିନ୍ତୁବିଜେପିରେ ପୀଢ଼ୀ ପରେ ପୀଢ଼ୀ ନୂଆ ନେତା ଆଗକୁ ଆସୁଛନ୍ତି। ବିଜେପିରେ ଏକ ନେତୃମଣ୍ଡଳୀ ରହିଛି, ଯାହା କଂଗ୍ରେସରେ ନାହିଁ। କଂଗ୍ରେସ ନେତୃତ୍ୱରେ ବିରୋଧୀ ମହାମେଣ୍ଟ ବାରମ୍ବାର ବିଫଳ ହେବା ପରେ ଏବେ ପୁନର୍ବାର ଏକ ନୂଆ ବିକଳ୍ପ ବା ତୃତୀୟ ମେଣ୍ଟ ଗଠନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାର ପରିକଳ୍ପନା କରିଛନ୍ତି ମମତା ବାନାର୍ଜୀ। ପୂର୍ବରୁ ମଧ୍ୟ ସେ ବାରମ୍ବାର ଏହି ପ୍ରୟାସ କରିଛନ୍ତି। ଏହାର ଫଳସ୍ୱରୂପ ଆଜି ଇଣ୍ଡିଆ ବ୍ଲକ ଗଠିତ ହୋଇଛି। ଏବେ ମମତା ଏକ ନୂଆ ବିକଳ୍ପ ମେଣ୍ଟ ଗଠନ ପ୍ରସ୍ତାବ ରଖିଛନ୍ତି। କଂଗ୍ରେସକୁ ବାଦ ଦେଇ ଅନ୍ୟ ପ୍ରମୁଖ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ଶକ୍ତିଶାଳି ରାଷ୍ଟ୍ରୀୟ ମେଣ୍ଟ ଗଠନ ପାଇଁ ସେ ଆଗ୍ରହୀ ଅଛନ୍ତି। ତାଙ୍କ ଚିନ୍ତାଧାରାକୁ ସମାଜବାଦୀ ପାର୍ଟୀ, ଆରଜେଡି, ଏନସିପି ଭଳି ଇଣ୍ଡିମେଣ୍ଟର ବଡ଼ ବଡ଼ ଅଂଶୀଦାର ଦଳମାନେ ସମର୍ଥନ କରିଛନ୍ତି। ଏପରିକି ଇଣ୍ଡିଆ ବ୍ଲକରେ ସାମିଲ ନଥିବା ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମଧ୍ୟ ମମତାଙ୍କ ବିଚାରଧାରାକୁ ସମର୍ଥନ କରୁଛି। ଅର୍ଥାତ ମମତା ଯଦି ଏଭଳି ଏକ ମେଣ୍ଟ ଗଠନ କରିବେ ତେବେ ଦେଶର ବିଭିନ୍ନ ରାଜ୍ୟର ଅନେକ ଆଞ୍ଚଳିକ ଦଳ ଏଥିରେ ସାମିଲ ହେବେ। ଏନଡିଏରେ ସାମିଲ ହୋଇଥିବା କିଛି ଦଳ ମଧ୍ୟ ଏହି ମେଣ୍ଟରେ ସାମିଲ ହୋଇପାରନ୍ତି। କାରଣ ସେମାନେ ବାଧ୍ୟବାଧକତାରେ ଏନଡିଏରେ ରହିଛନ୍ତି। ବିଜେପି ସହ ସେମାନଙ୍କର ସମ୍ପର୍କ ସେତେଟା ଭଲ ନାହିଁ। ଉଦାହରଣ ସ୍ୱରୂପ କର୍ଣ୍ଣାଟକରେ ଜେଡିଏସ, ବିହାରରେ ନୀତିଶଙ୍କ ଜେଡିୟୁ ମମତାଙ୍କ ପ୍ରସ୍ତାବିତ ମେଣ୍ଟରେ ସାମିଲ ହୋଇପାରନ୍ତି। ସେହିପରି ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଥିବା ବିଜେଡି, ବିଆରଏସ, ୱାଇଏସଆର କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତି। କଂଗ୍ରେସ ସାମିଲ ନହେଲେ ମଧ୍ୟ ଏମାନେ ଲୋକସଭରେ ୨୫୦ ଆସନ ପାଇବାକୁ ସକ୍ଷମ।

# ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ

॥ ଗୋପାଳ ମହାପାତ୍ର ॥

“ ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ ।

ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁଛି ନା ନାହିଁ? ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇବା କଷ୍ଟକର, କାରଣ ଏହି ପ୍ରସଙ୍ଗରେ ଭାରତର ଡାଟାବେସ୍ (ତଥ୍ୟ) ସହଜରେ ଉପଲବ୍ଧ ହେଉନାହିଁ । କିନ୍ତୁ ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ (ଆଇଜେଆର)-୨୦୨୨ ୧୦୨ ସୂଚକାଙ୍କକୁ ଜୋଡ଼ି ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନ କରିବାର କ୍ଷମତାକୁ ର୍ୟାକିଙ୍ଗ କରିଛନ୍ତି । ଏହି ଆଇଜେଆର ରିପୋର୍ଟ ଅନୁସାରେ ନ୍ୟାୟ ପାଇଁ ମୁଖ୍ୟତଃ ୪ଟି କଥାକୁ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଉଛି ପୋଲିସ୍, ନ୍ୟାୟପାଳିକା, ଜେଲ ଓ ଆଇନ ସହାୟତା (ଲିଗାଲଏଡ୍) । ଏସବୁର ଆଧାରରେ ରାଜ୍ୟମାନଙ୍କୁ ର୍ୟାକିଙ୍ଗ୍ କରାଯାଇଛି । ଏହି ରିପୋର୍ଟରେ କର୍ଣ୍ଣାଟକକୁ ପ୍ରଥମ ସ୍ଥାନରେ ସ୍ଥାନୀତ କରାଯାଇଛି । ମଜାଦାର କଥା ହେଉଛି ପ୍ରଥମ ୬ଟି ସ୍ଥାନ ମଧ୍ୟରୁ ୫ଟି ସ୍ଥାନରେ ରହିଛନ୍ତି ଦକ୍ଷିଣ ଭାରତର ରାଜ୍ୟମାନେ । କିନ୍ତୁ ଏହି ସ୍ଥାନ ସ୍ଥାୟୀ ନୁହେଁ । ଆଇଜେଆର-୨୦୨୨ର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି ନିରନ୍ତର ଅବସ୍ଥା ସୁଧୁରିଲେ ର୍ୟାଙ୍କିଙ୍ଗରେ ମଧ ପରିବର୍ତ୍ତନ ହୋଇପାରେ ବା ଅନ୍ୟଅର୍ଥରେ ର୍ୟାଙ୍କିଙ୍ଗ୍‌ର ତଳ ସ୍ତରରେ ଥିବା ରାଜ୍ୟରେ ଅବସ୍ଥା ସୁଧୁରିଲେ ସେଇ ରାଜ୍ୟ ମଧ ପ୍ରଥମ ସ୍ଥାନକୁ ଆସିପାରେ । ଏହି କାରଣରୁ ୧୩ଟି ପାହାଚ ବା ସ୍ଥାନ ଡେଇଁ କର୍ଣ୍ଣାଟକ ପ୍ରଥମ ସ୍ଥାନ ହାସଲ କରି ପାରିଛି ବୋଲି ଆଇଜେଆର ରିପୋର୍ଟରେ କୁହାଯାଇଛି । ଆଇଜେଆର ରିପୋର୍ଟ-୨୦୨୦ରେ କର୍ଣ୍ଣାଟକ ୧୪ଶ ସ୍ଥାନରେ ଥିଲା ହେଲେ ୨୦୨୨ରେ ଏହି କର୍ଣ୍ଣାଟକକୁ ପ୍ରଥମରେ ସ୍ଥାନୀତ କରାଯାଇଛି । ନ୍ୟାୟ ବ୍ୟବସ୍ଥା ଉପରେ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ ରହିଛି ଏବଂ ଏଥିରୁ ଗରୀବ ଲୋକଙ୍କୁ କାହିଁକି ଓ କିପରି ନ୍ୟାୟ ମିଳୁନାହିଁ ସେ କଥା ସ୍ପଷ୍ଟ ଜଣାପଡ଼ିଯାଉଛି ।

ଆଇଜେଆର-୨୦୨୨ର ପ୍ରସ୍ତାବନାରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତ ତାଙ୍କ ମତାମତ ରଖିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ମଧ ନ୍ୟାୟ ମିଳିବା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଭାରତରେ ଜେଲ ମାନଙ୍କରେ ଯେତେ ଲୋକ ଅଛନ୍ତି ସେମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ହେଉଛନ୍ତି ବିଚାରାଧିନ କଏଦୀ । ଅର୍ଥାତ୍ ଏମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ଏଯାବତ୍ ପ୍ରମାଣିତ ହୋଇପାରିନାହିଁ । ଏମାନଙ୍କ ମଧ୍ୟରୁ ଅନେକଙ୍କର ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ଯେତିକି ଦିନ ଜେଲ ଦଣ୍ଡ ହେବା କଥା ତାଠାରୁ ଅଧିକ ଦିନ ସେମାନେ ଜେଲରେ ରହିସାରିଲେଣି । ଏମାନେ ସମସ୍ତେ ଗରୀବ । ୨୦୧୭ ଡିସେମ୍ବରରୁ ୨୦୨୧ ଡିସେମ୍ବର ମଧ୍ୟରେ ୫ବର୍ଷରୁ ଅଧିକ ସମୟ ଜେଲରେ ରହିଥିବା ବିଚାରାଧିନ କଏଦୀଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଯାଇଛି । ଏସବୁ ତଥ୍ୟକୁ ଆଧାର କରି ଆଇଜେଆର-୨୦୨୨ ରିପୋର୍ଟରେ କୁହାଯାଇଛି ଯେ ମାମଲାର ବିଚାର ପାଇଁ ଅଧିକ ସମୟଲାଗୁଛି ଯେଉଁଥିପାଇଁ ନ୍ୟାୟ ପ୍ରଦାନ କରିବାର କ୍ଷମତା ହ୍ରାସ ପାଇବାରେ ଲାଗିଛି । ଦେଶରେ ଏବେ ପାଖାପାଖି ୫୦ନିୟୁତ ମାମଲା ବିଚାରାଧିନ ରହିଛି । ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତଙ୍କ ମତରେ ଅପରାଧିକ ମାମଲାରେ ଫସିଥିବା ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯାଇ ପାରୁନାହିଁ ଫଳତଃ ଏମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଆଇନ ସହାୟତା କେନ୍ଦ୍ରର ସଂଖ୍ୟା ମଧ ଦେଶରେ ଆଶାତୀତ ଭାବେ କମିଛି । ଏଥିପାଇଁ ବୋଧହୁଏ କଏଦୀଙ୍କୁ ଅଧିକ ଦିନ ଜେଲରେ ରହିବାକୁ ପଡୁଛି । କୋଲେଜିୟମ ଉପରେ ଅଧିକ ତର୍ଜମା ହେଉଛି କିନ୍ତୁ ନିରନ୍ତର ଦୁର୍ବଳ ହେଉଥିବା ନ୍ୟାୟ ବିତରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନାହିଁ ।

ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ । ୨୦୨୨ଡିସେମ୍ବର ସୁଦ୍ଧା ଦେଶର ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୯ଜଣ ବିଚାରପତି ରହିଛନ୍ତି । କେନ୍ଦ୍ର ବିଧି ଆୟୋଗ ୧୯୮୭ରେ ପରାମର୍ଶ ଦେଇଥିଲେ ଯେ ଆଗାମୀ ଏକଦଶନ୍ଧି ମଧ୍ୟରେ ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ରହିବା ଜରୁରୀ । ପଦବୀ ପୂରଣ ସମସ୍ୟା କେବଳ ନ୍ୟାୟପାଳିକାରେ ଯେ ରହିଛି ତା ନୁହେଁ ପୋଲିସ, ଜେଲ ଓ ଆଇନ ସହାୟତା ବ୍ୟବସ୍ଥାରେ ମଧ ଏଭଳି ସମସ୍ୟା ରହିଛି । ଦେଶରେ ୨୯ ପ୍ରତିଶତ ପୋଲିସ୍ ଅଧିକାରୀମାନଙ୍କର ପଦବୀ ଖାଲି ପଡ଼ିଛି । ପୋଲିସ ଓ ଜନତାଙ୍କ ଅନୁପାତ ପ୍ରତିଲକ୍ଷରେ ୧୫୨.୮ ରହିଛି । ଆନ୍ତର୍ଜାତୀୟ ମାନକ ଅନୁସାରେ ଏହା ପ୍ରତି ଲକ୍ଷରେ ୭୨୨ରହିବା କଥା । ଜେଲ ଗୁଡ଼ିକରେ କ୍ଷମତାଠାରୁ ୧୩୦ ପ୍ରତିଶତ ଅଧିକ କଏଦୀଙ୍କୁ ରଖାଯାଉଛି ଓ ଦୁଇ ତୃତୀୟାଂଶରୁ ଅଧିକ କଏଦୀ ତଦନ୍ତ ଅଥବା ଟ୍ରାଏଲ ସଂପୂର୍ଣ୍ଣ ହେବାର ପ୍ରତିକ୍ଷାରେ ରହିଛନ୍ତି । ବିଡ଼ମ୍ବନାର ବିଷୟ ହେଉଛି ଅନେକ ରାଜ୍ୟ ପୋଲିସ, ଜେଲ ଓ ନ୍ୟାୟପାଳିକାର ଆବଶ୍ୟକତା ଅନୁସାରେ ରାଜ୍ୟ ବଜେଟରେ ବୃଦ୍ଧି କରୁନାହାଁନ୍ତି । ଏପରିକି କେତେକ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ମିଳୁଥିବା ଅର୍ଥକୁ ସଂପୂର୍ଣ୍ଣ ବିନିଯୋଗ କରୁନାହାଁନ୍ତି । ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କ ମତ ହେଉଛି ଟ୍ରେନିଙ୍ଗ୍ ଓ ଭିତ୍ତିଭୂମି କ୍ଷେତ୍ରରେ ଅବସ୍ଥା କିଛି ସୁଧୁରିଛି । କିନ୍ତୁ ଆହୁରି ଅଧିକ କିଛି କରିବାକୁ ହେବ । ମହିଳା ପୁଲିସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା, ଲୋକଙ୍କୁ ମାଗଣାରେ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି ପୂର୍ବତନ ବିଚାରପତି ମଦନ ବି ଲୋକୁର । ଦେଶର ପ୍ରତି ୪ଟି ପୋଲିସ୍ ଷ୍ଟେସନ ମଧ୍ୟରୁ ଗୋଟିଏରେ ସିସିଟିଭି ନାହିଁ । ପ୍ରତି ୧୦ ପୋଲିସ ଷ୍ଟେସନ ମଧ୍ୟରୁ ପ୍ରାୟ ୩ଟିରେ ମହିଳା ହେଲପ ଡେସ୍କ ନାହିଁ ଯଦିଓ ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି । କମିଟି ଅଫ ନେସନ୍ସର ସଦସ୍ୟ ହୋଇଥିବା କାରଣରୁ ଭାରତ କରିଛି ଯେ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବ ଏବଂ ସବୁ ସ୍ତରରେ ପ୍ରଭାବୀ, ଉତ୍ତରଦାୟୀ ଓ ସମାବେଶୀ ସଂସ୍ଥା ଗଠନ କରିବ । କିନ୍ତୁ ଆଇଜେଆର ୨୦୨୨ର ରିପୋର୍ଟରୁ ଯାହା ତଥ୍ୟ ମିଳୁଛି ଏହା ସମ୍ଭବ ନୁହେଁ । ସମସ୍ତଙ୍କୁ ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ତଙ୍କୁ ନ୍ୟାୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାନଯିବା ପର୍ଯ୍ୟନ୍ତ ଅବସ୍ଥା ସୁଧୁରିବ ନାହିଁ । ଏଥିପାଇଁ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ ଓ ଦୀର୍ଘଦିନରୁ ଚାଲିଆସୁଥିବା ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡେ଼ମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ - 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ ? କେଉଁଠାକୁ ଯିବୁ ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା - ସେ କେଉଁଠାରୁ ଆସିଛି ? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ ? ଧୃତରାଷ୍ଟ୍ର ଉତ୍ତର ଦେଲା - 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର - ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା - 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିତ୍ରକୃତ ହେବି।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା


ଶୁକ୍ରବାର ୨୭ ଡିସେମ୍ବର ୨୦୨୪


# ଗର୍ଭବତୀ ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ

## ଝିଅ ପରିବାର ଆଣିଲେ ହତ୍ୟା ଅଭିଯୋଗ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ କଇଁଟାପଡା ଗ୍ରାମ ରେ ଜଣେ ବିବାହିତା ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି ଯେଉଁ ମହିଳା ୮ମାସ ର ଗର୍ଭବତୀ ବୋଲି ସୂଚନା ରହିଛି,ଯାହାକୁ ନେଇ ଅଞ୍ଚଳ ରେ ଏକ ପ୍ରକାର ଶୋକର ପରିସ୍ଥିତି ଦେଖିବାକୁ ମିଳିଛି, ସୂଚନା ମୁତାବକ ନିକଟବର୍ତ୍ତୀ ଗ୍ରାମ ଆଙ୍କୁଅ ଗ୍ରାମ ର ପ୍ରତାପ ମହାରଣା ଙ୍କ ଝିଅ ଦୀପାସିଖା ମହାରଣା କ□ପଡା ଗ୍ରାମ ର ନବଘନ ଓଝା ଙ୍କ ପୁଅ ରାଜେଶ ଓଝା (ବାଇଆ )ଙ୍କୁ ଗତ ଫେବୃଆରୀ ମାସ ରେ ବୈଦିକ ରୀତିନୀତି ରେ ବିବାହ କରିଥିଲେ, ଆଜି ବ୍ଲକ ରେ କିଛି ଜରୁରୀ କାର୍ଯ୍ୟ ରେ ସ୍ୱାମୀ ରାଜେଶ ଥିଲେ, ମଧ୍ୟାହ୍ନ ସମୟ ରେ ରାଜେଶ ତାଙ୍କ ସ୍ତ୍ରୀ ଦୀପଶିଖା କୁ ବାରମ୍ବାର କଲ୍ କରିଥିଲେ କିନ୍ତୁ ସେ କଲ୍ ଗ୍ରହଣ କରିନଥିଲେ, ଏ ବାବଦରେ ସେ ତାଙ୍କ ବାପା ଙ୍କୁ ଫୋନ କରି କହିଥିଲେ, ରାଜେଶ ମଧ କିଛି ସମୟ ପରେ ଘରେ ପହଞ୍ଚି ଦେଖିଥିଲେ ଶୋଇବା ଘର ଭିତରେ ତାଙ୍କ ସ୍ତ୍ରୀ ଭିତରେ କବାଟ ଦେଇଛନ୍ତି କିନ୍ତୁ ଯେତେ ବାଡେଇଲେ ଖୋଲୁନାହାନ୍ତି, ସେଥିପାଇଁ ତାଙ୍କ ପରିବାର ଲୋକ ଏକ ଶାବଳ ଦ୍ୱାରା କବାଟ ତାଡି ଭିତରେ ପ୍ରବେଶ କରିବାରୁ ବୋହୂ କୁ ଝୁଲନ୍ତା ଅବସ୍ଥା ରେ ଦେଖିଥିଲେ, କିନ୍ତୁ ଏ ଘଟଣା କୁ ଦୀପଶିଖା ଙ୍କ ବାପ ଘର ଲୋକ ପ୍ରତ୍ୟାଖାନ କରିବା ସହ ଏହା ଏକ ଷଡ଼ଯନ୍ତ୍ର ରଚିତ ହତ୍ୟା ବୋଲି ଦୀପଶିଖା ଙ୍କ ଶଶୁର ନବଘନ ଓଝା, ଶାଶୁ କୁନୀଲତା ଓଝା, ସ୍ୱାମୀ ରାଜେଶ ଓଝା (ବାଇଆ ) ଙ୍କ ନାମରେ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିବାର ସୂଚନା ରହିଛି,ଏହା ହତ୍ୟା କି ଆତ୍ମହତ୍ୟା ଏହି ଘଟଣା ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣା କୁ ନେଇ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳ ରେ ଚା□ଲ୍ୟ କର ପରିସ୍ଥିତି ସୃଷ୍ଟି ହୋଇଛି,ଘଟଣା ସ୍ଥଳରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ତାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

# ବିଜେଡି ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ପାଳିତ



ପାରାଦୀପ – ବିଜୁ ଜନତା ଦଳ (ବିଜେଡି) ର ୨୮ ତମ ପ୍ରତିଷ୍ଠା ଦିବସ ଡିସେମ୍ବର ୨୬ ତାରିଖ ଦିନ ସାରା ରାଜ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ଲୋକପ୍ରିୟ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ଅଠରବାଙ୍କି ସ୍ଥିତ ବିଜୁ ପଟନାୟକ ଙ୍କ ପ୍ରତିମୂର୍ତ୍ତି ଥିବା ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥେମେ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ପାରାଦୀପ ବିଜେଡି ଦଳ ର କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ,ଉପସଭାପତି ବିଶ୍ୱନାଥ ବଳ, ଯୁବ ସଭାପତି ଆଲୋକ ମହାପାତ୍ର, ଜିଲ୍ଲା ମହିଳା ଉପସଭାନେତ୍ରୀ ଚପଳା ସ୍ୱାଇଁ, ସମ୍ପାଦିକା ଭାରତୀ ସାମନ୍ତରାୟ, ପୌର ପାରିଷଦ ଅଜିତ ଷଢଙ୍ଗୀ, ଜଗନ୍ନାଥ ରାଓ, ନବ କୁମାର ବେହେରା, ସୁଶାନ୍ତ ଦାସ, ସରୋଜିନୀ ସାହୁ, ସୌଦାମିନୀ ସାହୁ, ରୁନି ପରିଡା, ଶୁକ୍ରମଣୀ ନାଗ, ସ୍ୱପ୍ନା ରାଣି ଜେନା ଙ୍କ ସମେତ ବିଜେଡି ନେତା ଅମୀୟ ପାଣି,ଗାଲେଖ ସାହୁ, ମନୋଜ ବେହେରା,ନଗେନ୍ଦ୍ର ରାଉତ, ଅଜୟ ନାୟକ, ବାସୁଦେବ ପରିଡା, ଚକ୍ରଧର ପରିଡା, ମକର ରାଉତ ପ୍ରମୁଖ ଯୋଗଦେଇ ଦଳର ସଂଗଠନ କୁ ସୁଦୃଢ କରି ପୁନର୍ବାର ନବୀନ ପଟନାୟକ ଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଉପସ୍ଥିତ ଶତାଧିକ ମହିଳା ଓ କର୍ମୀ ଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଦଳର ସଭାପତି ବସନ୍ତ ବିଶ୍ୱାଳ ପୂର୍ବ□ନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଙ୍କ ଓଡିଶା ପ୍ରତି ଥିବା ଅବଦାନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ସହ ତାଙ୍କର ଦୀର୍ଘ ସୁସ୍ଥ ଜୀବନ କାମନା କରିଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଦଳର ଏହି ପ୍ରତିଷ୍ଠା ଦିବସ ୨୮ ବର୍ଷ ହେବ ସରକାରରେ ରହି ପାଳନ କରିଥିବା ବେଳେ ଏଥର ବିରୋଧୀ ଦଳରେ ରହି ବିଜେଡି ତାର ପ୍ରତିଷ୍ଠା ଦିବସ ପାଳନ କରିଛି ।

# ଧୁମାଭଟା ପଞ୍ଚାୟତ ରେ ଅଧିକା ଭତା ପାଇବାରେ ଟପ୍ପର ସରପଞ୍ଚ

ପାଟଣାଗଡ଼ ( ମହାଭାରତ ) ବେଲପଡା ବ୍ଲକ ଧୁମାଭଟା ଗ୍ରା.ପ.ରେ ସବୁ ବେଳେ ନୂଆ ନୂଆ ଚର୍ଚ୍ଚା ହୋଇ,ରହିଥାନ୍ତି ସରକାରୀ ଯୋଜନା ରେ ଲୋକ ଙ୍କୁ ସବୁ ବେଳେ ଅଧିକାରୁ ଅଧିକା ସାମିଲ କରିବାରେ ଧୁମାଭଟା ସରପଞ୍ଚ ଚର୍ଚ୍ଚା,ରହନ୍ତି,ଆପଣ ମାନେ ଜାଣିଥିବେ ସରକାର ଲୋକ ଙ୍କୁ ସବୁ ବେଳେ ସରକାରୀ ଯୋଜନା ସାମିଲ କରିବାରେ ଅନେକ ଯୋଜନା, ସରକାର ପୂରା ପ୍ରୟାସ୍ ରଖିଛନ୍ତି,ସେମିତି ଧୁମାଭଟା ଗ୍ରା.ପରେ ବିକାଲଙ୍ଗ,ବାର୍ଦ୍ଧକ୍ୟ, ଅନ୍ ମେରିଟ୍, ବିଧଭା,ସିକିଲିନ୍ ଅନେକ ଭତା ପାଇବାରେ ଏବେ ଧୁମାଭଟା ଗ୍ରା.ପ.ବେଲପଡା ବ୍ଲକ ର ୨୪ ଟା ପଞ୍ଚାୟତ ରୁ ଧୁମାଭଟା ପଞ୍ଚାୟତ ସମସ୍ତ ପଞ୍ଚାୟତ ଠାରୁ ଅଧିକା ଭତା ପାଇବାରେ ଏବେ ବୃର୍ଦ୍ଧା, ବୃର୍ଦ୍ଧି,ମାନେ ବହୁତ ଖୁସି ଅନୁଭୋବ କରୁଛନ୍ତି,ଧୁମାଭଟା ସରପ□ ସବୁ ବେଳେ ସରକାରୀ ଯୋଜନା ରେ ଲୋକ ଙ୍କୁ ସାମିଲ୍ କରିବାରେ ସବୁ ବେଳେ ତ□ର୍ପର ହୋଇ ଥାନ୍ତି, ଶ୍ରୀନାଏକ,ସରପଞ୍ଚ ହେବା ଦିନ ଠାରୁ ଆଜିନ୍ତି ପାଞ୍ଚଶହ ରୁ ଅଧିକ ଭତା କରିବାରେ ସଖ୍ୟମ କରିପାରିଛନ୍ତି,ଏବେ ଅଞ୍ଚଳ ରେ ସରପଞ୍ଚ ଶ୍ରୀବନମାଲି ନାଏକ ବେଶ ପ୍ରସଂଶା ସାଉଟିଛନ୍ତି।

# ଲୁହାପଥର ପରିବହନ କରାଯାଉଥିବା ବେଳେ ମାଡ଼ି ବସିଲା ପୋଲିସ ଏକାଧିକ ଟ୍ରକ୍ ଅଟକ

ଯୋଡ(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡୟ ଠାରେ ଥିବା ଓଏମ ଡି ସି ଖଣିରେ ପୋଲିସ ଓ ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଚଢାଉ କରାଯାଇ ପ୍ରାୟ ୧୧ଟି ଟ୍ରକ୍ କୁ ଅଟକ ରଖିବା ସହିତ ବିଭାଗୀୟ ଯାଞ୍ଚ ଆରମ୍ଭ ହୋଇଛି ।ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ,ଓ ଏମ ଡି ସି ଖଣି ରେ ଗଚ୍ଛିତ ଥିବା ଲୁହାପଥର କୁ ପରିବହନ କରାଯାଉ ଥିବା ବେଳେ ଏଥିରେ ଅନିୟମିତତା କରା ଯାଉ ଥିବା ଖବର ପାଇ ଏହି ଚଢାଉ ଓ ଯାଞ୍ଚ କରାଯାଉଛି ।ବିଭାଗ ପକ୍ଷରୁ ସୂଚନା ମିଳିଛି ଯେ,ଏହି ଖଣି ରେ ଉତ୍ତୋଳନ କାର୍ଯ୍ୟ ବନ୍ଦ ରହିଛି ।କେବଳ ଗଚ୍ଛିତ ଲୁହାପଥର ହିଁ ଖଣି ରୁ ପରିବହନ କରାଯାଉଛି ।ତେଣେ ଏହି ଖଣି ରୁ ଗଚ୍ଛିତ ଲୁହାପଥର କୁ ପରିବହନ କରିବା ସମୟରେ ଚଞ୍ଚକତା କରାଯାଇ ସଦ୍ୟ ଖଣିଜ ଉତ୍ତୋଳନ କରି ଖଣିଜ ପରିବହନ ହେଉଥିବା ର୍ନିଭର ଯୋଗ୍ୟ ସୂତ୍ରରୁ ପୋଲିସ ବିଭାଗ ଓ ଖଣି ବିଭାଗ ଖବର ପାଇ ଏହି ଚଢାଉ କରିଥିବା ଜଣାପଡିଛି ।ଗୁରୁବାର ଏହି ଚଢାଉ ସମୟରେ ବଡ଼ବିଲ ଆଇଆଇସି ,ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ର ବରିଷ୍ଠ ଖଣି ନିରୀକ୍ଷକ ଦେବେନ୍ଦ୍ର ନାଥ ଦଳେଇ ,ପଦ୍ମନାଭ ମହାନ୍ତି,ଙ୍କ ସମେତ ଷ୍ଟେଟ ଲେବେଲ ଏନଫୋର୍ସ ମେଣ୍ଟ ସ୍କ୍ୱାର୍ଡ ଏବଂ ପୋଲିସ ଫୋର୍ସ ଉପସ୍ଥିତ ଥିଲେ ।ବିଭାଗ ପକ୍ଷରୁ ଅନୁମୋଦିତ ଷ୍ଟୟକ୍ ରୁ ଲୁହାପଥର ପରିବହନ ହେଉଥିଲା ନା ପୁରୁଣା ଷ୍ଟକ୍ ରୁ ହେଉ ଥିଲା ଅବୟ ସଦ୍ୟ ଉତ୍ତୋଳନ କରାଯାଇ ପରିବହନ କରାଯାଉଥିଲା ,ଏହାକୁ ନେଇ ଯାଞ୍ଚ ହେଉ ଥିବା ଖଣି ନିରୀକ୍ଷକ ଦଳେଇ କହିଛନ୍ତ। ତେଣେ ଓ ଏମ ଡି ସି ଖଣି ର ମ୍ୟାନେଜର ସମର ଚକ୍ରବର୍ତ୍ତୀ କହିଛନ୍ତି ଯେ,ସେ ଆଉଟ୍ ଅଫ ଷ୍ଟେସନ ଥିବାରୁ ଏ ସମ୍ପର୍କରେ ଖଣି କୁ ଗଲେ ହିଁ ଉତ୍ତର ଦେଇ ପାରିବେ ।ଏ ନେଇ ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି ଯେ,ପରିବହନ ରେ ଅନିୟମିତତା ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରା ଯାଇଛି ।ଷ୍ଟକ୍ ଏବଂ ଷ୍ଟୟକ୍ ର ର୍ଦିଘ୍ୟ ,ପ୍ରସ୍ତ ଓ ଉଚ୍ଚତା ର ମାପ ଚୁପ୍ କରାଯାଉଛି ।ଏତଦ୍ ବ୍ୟତୀତ ବନ୍ଦ ଥିବା ଏହି ଖଣିରୁ ବେଆଇନ ଭାବେ ସଦ୍ୟ ଉ□ୋଳନ କରାଯାଇଛି କି ନାହିଁ,ଏହାର ମଧ ଯାଞ୍ଚ କରାଯାଉଛ।କେଉଁ କେଉଁ କମ୍ପାନୀ ବା ଟ୍ରେଡର ଏହି ଖଣି ରୁ ଖଣିଜ ନେଇଛନ୍ତି,ଏହାକୁ ମଧ ଯାଞ୍ଚ ପରିସର କୁ ଅଣାଯିବ ,ଖଣି ବନ୍ଦ ହେବା ସମୟରେ ଖଣିରେ ଥିବା ଗଚ୍ଛିତ ଖଣିଜ ର ବୟଲାନ୍ସ କୁଅୟନ ଟୀଟି ଯାଞ୍ଚ ହେବ ।ଅନୁମୋଦିତ ଖଣିଜ ର ସାଇଜ ଏବଂ ଗ୍ରେଡ ର ମଧ ଯା□ ହେବ।

# ଚରମାନନ୍ଦ ଦାସଙ୍କୁ କାବ୍ୟାଞ୍ଜଳି ସମ୍ମାନ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ କାବ୍ୟାଞ୍ଜଳୀ କାର୍ଯ୍ୟକାରୀ ସମିତି କେନ୍ଦୁଝରର ମିଳିବ ଆନୁକୂଲ୍ୟରେ ଜିଲ୍ଲା ଦରବାର ହଲ ଠାରେ ଆୟୋଜିତ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତ ବାର୍ଷିକ ମହୋତ୍ସବ ପାଳନ ଅବସରରେ ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ତଥା ଭାଗବତ ଟୁଙ୍ଗି ପ୍ରଚାର ସମିତିର ଜିଲ୍ଲା ସଂଯୋଜକ ଚରମାନନ୍ଦ ଦାସ ଓରଫ ପ୍ରତାପ ମହାନ୍ତଙ୍କୁ ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାବ୍ୟାଞ୍ଜଳୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।ସମାଜସେବୀ ରାଧାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ସମ୍ମାନିତ ଅତିଥି ରୂପେ ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ, ଜିଲ୍ଲାପାଳ ବିଶାଳ ସିଂହ ଏବଂ ପ୍ରାଧ୍ୟାପକ ସୁଧା ଦାଶ ଯୋଗ ଦେଇ ଶ୍ରୀଦାସଙ୍କୁ ପୁଷ୍ପଗୁଚ୍ଛ, ଉ□ରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।ଚରମାନନ୍ଦ ଦାସ ଏକାଧାରରେ ଜଣେ କବି, ଗାଳ୍ପିକ, ସ୍ତମ୍ଭକାର ଓ ସଂଗଠକ । ଗଳାହାର ଓ ସମ୍ପର୍କ ପତ୍ରିକାର ସୁସମ୍ପାଦକ । ଗୀତା, ଭାଗବତ ଓ ଠାକୁର କେଶବ ଚନ୍ଦ୍ରଙ୍କ ଦର୍ଶନର ଜଣେ ସୁବକ୍ତା ଭାବେ ବେଶ ଜଣାଶୁଣା । ବିଶେଷକରି ବିଦ୍ୟାଳୟରେ ପାଠ୍ୟ ଉପକରଣ ବଣ୍ଟନ, ରୋଗୀ ମାନଙ୍କୁ ଫଳ ଓ ଔଷଧ ପ୍ରଦାନ, ଆଦିବାସୀ ବସ୍ତିରେ ମଶାରୀ ବଣ୍ଟନ ଓ ଅସହାୟଙ୍କୁ କମ୍ବଳ ଏବଂ ଶାରୀରିକ ଭିଉକ୍ଷମ ମାନଙ୍କୁ ପୋଷାକ ଦେବା ସହିତ ସାହିତ୍ୟ ସଭା, ଆଧ୍ୟାତ୍ମିକ ସଭା, ପରିବେଶ ସଚେତନତା ଶିବିର ଆୟୋଜିତ କରି ନିଜର ଏକ ସ୍ୱତନ୍ତ୍ର ଓପରିଚୟ ସୃଷ୍ଟି କରି ପାରିଛନ୍ତି ।

# ପଦ୍ମ ଧରିଲେ ବ୍ଲକ ଅଧକ୍ଷ ଓ ତିନି ସମିତି ସଭ୍ୟ



ଭଞ୍ଜନଗର,(ମହାଭାରତ): ଭଞ୍ଜନଗର ରାଜନୀତିରେ ଗୁରୁବାର ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ଅପରାହ୍ନରେ ବିଜୁ ଜନତା ଦଳ ପକ୍ଷରୁ ବାଉଁଶଲୁଣ୍ଡି ଠାରେ ଦଳର ୨୮ତମ ପ୍ରତିଷ୍ଠା ଉତ୍ସବ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ପାଳନ ହେଉଥିବା ବେଳେ ବିଜେଡିକୁ ବାଏ ବାଏ କରି ପଦ୍ମ ଧରିଛନ୍ତି ଭଞ୍ଜନଗର ବ୍ଲକ ଅଧକ୍ଷ ନରିସଭା ନାୟକ ଓ ତିନି ଗ୍ରାମ ପଞ୍ଚାୟତ ସମିତି ସଭ୍ୟସଭ୍ୟା। ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବନ ବିଭାଗ ଡାକ ବଙ୍ଗଳା ଠାରେ ବ୍ଲକ ଅଧକ୍ଷ ଶ୍ରୀ ନାୟକ ଓ ଅନ୍ୟ ମାନେ ସ୍ୱାଗତ କରିଥିଲେ। ଏହା ପରେ ଅପରାହ୍ନ ସମୟରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉପସ୍ଥିତରେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି । ବ୍ଲକ ଅଧକ୍ଷ ନରିସଭା ନାୟକ, ବଡ଼କୋଦଣ୍ଡା ସମିତି ସଭ୍ୟ ଜେ. ମନୋଜ କୁମାର ପୃଷ୍ଟି,କୁଲାଡ଼ ସମିତିସଭ୍ୟା ପି.ରେଣୁକା ପାତ୍ର,ବାରୁଡ଼ା ସମିତି ସଭ୍ୟା ବନିତା ସେଠୀ,ବରିଷ୍ଠ ନେତା ରାମହରି ପାତ୍ର,ସୋମନାଥ ସେଠୀ ଙ୍କ ସମେତ ସମର୍ଥକ ମାନଙ୍କୁ ବିଧାୟକ ଶ୍ରୀ ନାୟକ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛୁ। ଆଗାମୀ ଦିନରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଡବଲ ଇଞ୍ଜିନ ସରକାରର ବିକାଶ ଧାରାକୁ ଭଞ୍ଜନଗର ବ୍ଲକରେ ଆଗେଇ ନେବୁ ବୋଲି ଦଳରେ ସାମିଲ ସମିତିସଭ୍ୟସଭ୍ୟା ପ୍ରକାଶ କରିଛନ୍ତି। ବ୍ଲକ ଅଧକ୍ଷଙ୍କ ସମେତ ତିନି ସମିତିସଭ୍ୟ ଓ ସମର୍ଥକଙ୍କ ଦଳରେ ଯୋଗଦାନ ପରେ ଦଳୀୟ ସଙ୍ଗଠନ ବୃଦ୍ଧି ପାଇବା ସହ ବିକାଶ କାଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି।

# ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ ପାଳିତ



(ମହାଭାରତ / ବସ୍ତା) ଜଳେଶ୍ୱର ର୍ନିବାଚନ ମଣ୍ଡଳୀ ସନ୍ତୋଷପୁର ପଞ୍ଚାୟତ ବେଣାପୁରା ବାରୁଣୀ ପଡ଼ିଆ ସ୍ଥିତ ମଧୁସୂଦନ କଲ୍ୟାଣ ମୁଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ର୍ନିବାଚନୀ ମଣ୍ଡଳୀ ସ୍ତରୀୟ ୨୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଞ୍ଚାଷିନ ଅତିଥି ମାନେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ।କାର୍ଯ୍ୟକ୍ରମକୁ ଅନାଦି ଦାସ ସଭାପତ୍ୱିବ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ମହିଳା ସଭାପତି ବିନ୍ଦୁ ବାଳା ନନ୍ଦୀ, ସମ୍ପାଦିକା ଦେବଯାନୀ ମହାନ୍ତି, ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଶୟା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନାର ବିବି, ତୁଳସୀ କିସ୍କୁ, ଜଳେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନା, ଉପାଧକ୍ଷା ସଞ୍ଚିତା ସେନାପତି, ମୁନ୍ସିପାଲଟି ଅଧକ୍ଷ ପ୍ରତୀପ କୁମାର ପ୍ରଧାନ,ବସ୍ତା ବ୍ଲକ ଉପାଧକ୍ଷ ଦିଲୀପ କୁମାର ଦାସ ମହାପାତ୍ର , ବିଜେଡି ନେତା ସେକ୍ ଅବଦୁଲ ଗନି, ତପନ ଦାସ, ନନୀ ଗୋପାଲ ଦାସ, ବିଜୟ କୁମାର କାମିଲା, ସନ୍ତୋଷ ଦାସ ମହାପାତ୍ର, ସଂଗ୍ରାମ ଦାସ ମହାପାତ୍ର , ନଗେନ୍ଦ୍ର କୁମାର ସିଂହ, ମଧୁସୂଦନ ସେନାପତି,ସୁନିଲ ସେନାପତି ପ୍ରମୁଖ ଯୋଗ ଦେଇ ବିଜୁ ବାବୁ, ବିଜୁ ଜନତା ଦଳ ଏବଂ ବିଜେଡି ରାଜ୍ୟ ସଭାପତି ତଥା ପ୍ରାକ୍ତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ,ଆଦର୍ଶ, ଲୋକାଭିମୁଖୀ ଜନ କଲ୍ୟାଣକାରୀ ଯୋଜନା ବାବଦରେ ଆଲୋକପାତ କରିବା ସହିତ ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟରେ ଥିବା ବିଜେପି ସରକାରକୁ ଟାର୍ଗେଟ କରିଥିଲେ। ତେବେ ର୍ନିବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ସରକାର ପାଳନ ନକରିଲେ ରାଜ୍ୟ ବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ମଞ୍ଚଷିନ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତ ସଭାପତି, ବିଜେଡି ସରପ□, ସମିତି ସଦସ୍ୟ,ସଦସ୍ୟା, ୱାର୍ଡ ସଭ୍ୟ ସଭ୍ୟା ଯୋଗ ଦେଇ ଥିବା ବେଳେ,ସନ୍ତୋଷପୁର ପଞ୍ଚାୟତ ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅଣୁକବି ବ୍ରହ୍ମାନନ୍ଦ ଦାସ ବ୍ୟକ୍ତି ନୁହଁ ଏକ ବିଚାରଧାରା

## ୧୯ତମ ପୁଣ୍ୟ ତିଥିରେ ବିଶିଷ୍ଟ ବ୍ୟକ୍ତିଙ୍କ ମତପୋଷଣ

କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୁରୁବାର ଅଣୁ କବି ବ୍ରହ୍ମାନନ୍ଦ ଦାସଙ୍କ ଊନବିଂଶ ପୁଣ୍ୟତିଥି ଉପସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରୋହିତ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅଣୁ କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏହି ଅବସରରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ଅଣୁ କବି ବ୍ରହ୍ମାନନ୍ଦ ଦାସଙ୍କ ଉପରେ ସ୍ୱରଚିତ ଏକ ଭକ୍ତି ପ୍ରବନ୍ଧ ପାଠ କରିଥିଲେ । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କଥାକାର ହରେକୃଷ୍ଣ ବରାଳ ଯୋଗଦାନ କରି ଅଣୁ କବି ବ୍ରହ୍ମାନନ୍ଦ ଦାସଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରି କହିଲେ ଅଣୁ କବି ବ୍ରହ୍ମାନନ୍ଦ ଦାସ ଜଣେ ବ୍ୟକ୍ତି ନୁହଁ ଏକ ବିଚାରଧାରା । ବରେଣ୍ୟ ଅତିଥି ଭାବରେ କରିଲୋପାଟଣା କଲେଜର ପ୍ରାକ୍ତନ ଅଧକ୍ଷ ଡଃ ସର୍ବେଶ୍ୱର ସେଣ ଯୋଗଦାନ କରି କହିଲେ ସେ କେବଳ ନିଚ୍ଛକ କବି ନଥିଲେ ଶିକ୍ଷା ଓ ଶିକ୍ଷକମାନଙ୍କ ସମସ୍ୟା ଲାଗି ସଂଗ୍ରାମ କରି ସାତଦିନ କାରାବରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ବଗାଳ୍ପିକ ଅବନ୍ତୀ ବେହେରା, ସାହିତ୍ୟ ସଂସଦର ଉପସଭାପତି ପାର୍ବତୀ ନାୟକ ଓ ରାମକୃଷ୍ଣ ଦାଶ, ଡଃ ନାରାୟଣ ପ୍ରସାଦ ଜେନା, ଅଲେଖ ଚନ୍ଦ୍ର ଦାଶ, ବାସନ୍ତୀ ଦାସ, ନୃସିଂହ ଚରଣ ତ୍ରିପାଠୀ, ଚି□ରନ କବି, ଶ୍ରୀଧର କୁମାର ଭୋଳ, ରନ କୁମାର ବାଇ, ଅଜୟ କୁମାର ପାତ୍ର, ଦିବାକର ସାହୁ, ମନୋରନ ତ୍ରିପାଠୀ, ଶ୍ରୀଧର କୁମାର ମର୍ହାଁ, ଅଶୋକ କୁମାର ସାହୁ, ଅନ' ଚରଣ ନାୟକ, ଶରତ କୁମାର ରାଉତ, ମଧୁସୂଦନ ଗେରୁ, ଅପର୍ତ୍ତି ସେଠୀ, ନିହାର ରନ ଜେନା, ନିରନ ପରିଡା, ଗୋଲଖ କୁମାର ସେଠୀ, ଧରଣୀଧର ଜେନା, ଆଦିକନ୍ଦ ରାଉଳ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବାଇକ ଦୁର୍ଘଟଣା ରେ ଜଣେ ମୃତ ୨ ଗୁରୁତର

ଠାକୁରମୁଣ୍ଡା (ମହାଭାରତ) ଠାକୁରମୁଣ୍ଡା ଠାରୁ ୨ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ର ଜୁଡାମ୍ବ ନିକଟରେ ଗୁରବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ରେ ଜଣେ ଯୁବକ ଙ୍କ ମୃତ୍ୟୁ ଘଟିଛି। ବାଇକ ରେ ଥିବା ଅନ୍ୟ ଦୁଇ ଜଣ ସାଙ୍ଗ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ରେ ମୃତ ଯୁବକ ଜଣକ ହେଲେ ଆନନ୍ଦପୁର ଥାନା ଅନ୍ତର୍ଗତ ଜଙ୍ଘଆର ଗ୍ରାମ ଚଙ୍କା ସାହି ର ସୁରେନ୍ଦ୍ର ସିଂ ଙ୍କ ପୁଅ ମୁନା ସିଂ (୨୦) ହୋଇଥିବା ବେଳେ ଅନ୍ୟ ୨ ଗୁରୁତର ମାନେ ହେଲେ ସେହି ଗ୍ରାମର ଦାସ ସିଂ ଙ୍କ ପୁଅ ସଞ୍ଜୟ ସିଂ (୧୯),ଶ୍ରୀଧର ମୁଣ୍ଡା ଙ୍କ ପୁଅ କହ୍ନୁ ମୁଣ୍ଡା ,(୨୨) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଜଙ୍ଘାର ଗ୍ରାମରୁ ଏକ ବାଇକ ନମ୍ବର ଓଡ଼ି ୦୯ ଆର୬୩୩୭ ଯୋଗେ ୩ ଜଣ ସାଙ୍ଗ ଠାକୁରମୁଣ୍ଡା କୁ କୌଣସି କାମରେ ଆସୁଥିଲେ।ଦିନ ପ୍ରାୟ ୨.୪୦ ସମୟରେ ଠାକୁରମୁଣ୍ଡା ନିକଟ ଜୁଡାମ୍ବ ନିକଟରେ ବାଇକ ଭାରସାମ୍ୟ ହରାଇ ଡାହାଣ ପଟ ରାସ୍ତା କଡରେ ଲାଗିଥିବା ସୁରକ୍ଷା ବାଡ଼ ରେ ଧକ୍କା ହୋଇ ଯାଇଥିଲା। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ୩ ଜଣକୁ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୁନା ସିଂ ର ମୃତ୍ୟୁ ଘଟିଥିବା ବେଳେ ସଞ୍ଜୟ ସିଂ ଓ କାହ୍ନୁ ମୁଣ୍ଡା ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି।

# ବାଜେପୟୀଙ୍କ ଶହେତମ ଜନ୍ମ ଜୟନ୍ତୀ ଅବସରେ କବି ସୁରେଶ ଚନ୍ଦ୍ର ମହାନ୍ତ ଙ୍କୁ ସମର୍ଦ୍ଧିତ

ପାଟଣା:-(ମହାଭରତ)ଭାରତ ବର୍ଷ ର ପ୍ରଥମ ସୁରାଜନୈତିକ,ଦେଶ ଭକ୍ତ ବାଯେପୟୀ ଙ୍କ ଶହେତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ କୋଠାଘର ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତଙ୍କୁ ସୁଶାସନ ଦିବସରେ ସାହିତ୍ୟ କ୍ଷେତ୍ରରେ ଉଲେଖନୀୟ ଅବଦାନ ନିମନ୍ତେ କାବ୍ୟକ୍ଷଞ୍ଜଳି କାର୍ଯ୍ୟକାରୀ ସମିତି ଓ଼ ଜିଲ୍ଲା ପ୍ରଶାସନ କେନ୍ଦୁଝର ଦ୍ୱାରା ଦରବାର ହଲରେ ଜଣେ ସଫଳ କବି ଓ଼ ସାହିତ୍ୟିକ ଭାବେ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଗଲା । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ଖୁଣ୍ଟିଆ, ଦୁଇ ବିଧାୟକ ଅଖିଳ ନାଏକ ପାଟଣା,ଡ଼ଃ ଫକୀର ନାଏକ ତେଲକୋଇ ଏବଂ ଜିଲ୍ଲାପାଳ ଉପସ୍ଥିତ ଥାଇ ଏହି ସମ୍ମାନ ଦିଆଯାଇ ଥିଲା । ଶ୍ରୀ ମହାନ୍ତ ସୁନାଖୁମ ପତ୍ରିକାର ସମ୍ପାଦକ ଅଟନ୍ତି । ଏହି ଜିଲ୍ଲା ସ୍ତରୀୟ ସମାରୋହରେ କବି ଭାବଗ୍ରାହି ମହାନ୍ତ, ଡମ୍ବରୁ ମହାନ୍ତ, ନାଟ୍ୟକାର ରଘୁନାଥ ମହାନ୍ତେ, ଡ଼ଃ ଧିରେନ ମହାନ୍ତି, କବି ଚି□ ମିଶ୍ର, ଡ଼ଃ ବିମ୍ବାଧର ବେହେରା, ପ୍ରତାପ ମହାନ୍ତ, କ୍ଷେତ୍ର ମହାନ୍ତ, ସୁଜିତ ମିଶ୍ର,ରଙ୍ଗାଧର ମହାନ୍ତ, ସୁଭଦ୍ରା ମହାନ୍ତ, ସନ୍ତୋଷିନୀ ଗିରି ଆଦି ଅଟଳ ବିହାରୀ ବାଜପେୟୀଙ୍କ ଉପରେ ଆଧାରିତ କବିତା ପଠନ କରିଥିଲେ । ଆସରରେ କବିତା ସଂଯୋଜନା ଇନ୍ଦୁମତୀ ପକ୍ଷତ୍ର,ଆକାଶ ବାଣୀ ସୁଜିତ ମିଶ୍ର,ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ଉଦଘାଟିତ




ବଡଚଣା (ମହାଭାରତ) : ଆଜି ଅପରାହ୍ନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆଠାରେ ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନିଲ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା, ଜିଲ୍ଲା କୃଷି ଅଧିକାରୀ ଯାଜପୁର ରୋଡ ଅରୁଣ କୁମାର ପାତ୍ର, କାର୍ଯ୍ୟ ର୍ନିବାହୀ ଯନ୍ତ୍ରୀ (କୃଷି), କେନ୍ଦ୍ରାପଡ଼ା ସଞ୍ଜୀବ କୁମାର ତ୍ରିପାଠୀ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୪୨ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୬ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପ ଗୁଡିକରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଙ୍ଗ ଓ ବିକ୍ରୟର ବ୍ୟବସ୍ଥା କରାଯାଇଅଛି। କୃଷି ମେଳାରେ କୃଷକ ଭାଇ ମାନଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ କରିବା ପାଇଁ ତାରିଖ ୨୭.୧୨.୨୪ ରୁ ୨୯.୧୨.୨୪ ମଧ୍ୟରେ ୧୨ ଗୋଟି କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ବ୍ୟବସ୍ଥା କରାଯାଇଛି। କୃଷି କ୍ଷେତ୍ରରେ ଲାଭ ବହୁଗୁଣିତ କରିବା ପାଇଁ କୃଷି ଯାନ୍ତ୍ରିକିକରଣ, କୃଷି କ୍ଷେତ୍ରରେ ସବୁଜ ଶକ୍ତିର ବ୍ୟବହାର, ମହିଳା କୃଷିଜୀବୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରଗତିରେ କୃଷି ଯନ୍ତ୍ରପାତି , ନିରନ୍ତର କୃଷି ପାଇଁ ସମନ୍ୱିତ କୃଷି ପଦ୍ଧତି, ସମନ୍ୱିତ ରୋଗପୋକ ପରିଚାଳନା ଓ କୃଷି କ୍ଷେତ୍ରରେ ଡ୍ରୋନ ପ୍ରଯୁକ୍ତିର ବ୍ୟବହାର, ଜଳ ବିଭାଜିକା ପ୍ରକଳ୍ପ ଓ ଆନୁଷଙ୍ଗିକ ଯନ୍ତ୍ରପାତି ଆଦି ବିଷୟ ଉପରେ ବିଭିନ୍ନ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି।

## ଆସିକା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଅମିତ ସାହଙ୍କ ଫୋଟୋ ଚିତ୍ର ଦାହ




ଆସିକା (ମହାଭାରତ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ରାଜ୍ୟସଭା ର ଶୀତଅଧିବେଶ ଚାଲିଥିବା ବେଳେ ଜାତୀୟ କଂଗ୍ରସଦଳକୁ ଡ଼.ବି ଆର ଆମ୍ବେଦକର ଙ୍କ ବିରୁଦ୍ଧରେ ଦେଇଥିବା ବିବାଦୀୟ ମନ୍ତବ୍ୟ କୁ ବିରୋଧ କରି ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା ବେଳେ ଆଜି ଆସିକା କଂଗ୍ରେସ ବିଧାୟକା ପାର୍ଥିନି ସୁରଭି ବିଷୋୟୀ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ଏକ ପ୍ରତିବାଦ ସଭା ସହ ଅମିତ ଶାହା ଙ୍କ ଫୋଟୋ ଚିତ୍ର ଦାହ କରିଛନ୍ତି । ସେ ନିଜ ବକ୍ତବ୍ୟରେ ସମ୍ବିଧାନ ପ୍ରଣେତା ଡ଼ ବିଆର ଆମ୍ବେଦକର ବିରୁଦ୍ଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଅତି ନିନ୍ଦନୀୟ ଅଟେ ସେ ସାରା ଭାରତ ବାସୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ନତୁବା ନିଜ ପଦରୁ ଇସ୍ତଫା ଦିଅନ୍ତୁ ନଚେତ ଆଗାମୀ ଦିନରେ ରାଜରାସ୍ତା ରେ ଆନ୍ଦୋଳନ ହେବ ବୋଲି କହିଥିଲେ ।ଅମିତ ସହାଙ୍କ ଫୋଟୋ ଚିତ୍ର ଦାହ କରିଥିଲେ ।ତତସହ ବର୍ତ୍ତମାନ ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ମାନଙ୍କୁ ତୁରନ୍ତ ସହାୟତା ପ୍ରାଦନ କରିବାକୁ ବିଜେପି ସରକାର ଙ୍କ ନିକଟରେ ଦାବୀ କରିଥିଲେ । ଏହି ସଭାରେ କଂଗ୍ରେସ କର୍ମୀ ସୁଶାନ୍ତ କୁମାର ଦାସ,ସୁଶାନ୍ତ କୁମାର ରାଉତ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର;(ମହାଭାରତ):ଆଜି ବୁର୍ଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ମାନ୍ୟବର କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଦ୍ୱାରା ହୋଇଯାଇଛି । ଅଟଳ ଉଦ୍ୟାନ'ର ଉଦଘାଟନ ସହ ଗୋଲଗୁଣ୍ଡା ଛକକୁ 'ଅଟଳ ଛକ' ନାମକରଣର ଶୁଭାରମ୍ଭ ମଧ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ , ଓଡିଶା ସରକାର ଶ୍ରୀ ରବିନରାୟଣ ନାୟକ, ସମ୍ବଲପୁର ର ମାନ୍ୟବର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ଶ୍ରୀ ନାଉରି ନାୟକ, ରାଜସ୍ୱ ବିଭାଗୀୟ ଆୟୁକ୍ତ-ଉତ୍ତରାଞ୍ଚଳ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ (ଆଇ.ଏ.ଏସ),ଆଇଜି-ଉତ୍ତରାଞ୍ଚଳ,ଶ୍ରୀ ହିମାଂଶୁ ଲାଲ ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆତ୍ମହତ୍ୟା ଉଦ୍ୟମ କରୁଥିବା ମହିଳାଙ୍କୁ ଉଦ୍ଧାର କଲେ ଯୁବ ବିଜେପି ନେତା ଚି□ ରଞ୍ଜନ ଦାଶ

ଅନୁଗୋଳ,(ମହାଭାରତ): କଥା ରେ ଅଛି ରଖିବ ଯଦି ସେ ମାରିବ କିଏ । ଯାହାକୁ ରଖିବେ ଅନନ୍ତ କେ କରି ପାରେ ବଳବନ୍ତ । ଠିକ ଆଜି ସକାଳୁ ଜରପଡା ଅଞ୍ଚଳର ଜଣେ ମହିଳା ନିଜର ପାରିବାରିକ କାରଣ ରୁ ଜରପଡା ରେଲୱେ ଓଭର ବ୍ରିଜ ପାଖ ଟ୍ରେନ ଲାଇନ ପାଖକୁ ମହିଳା ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକେ ସମାଜ ସେବୀ ଚିତ୍ତ ରଞ୍ଜନ କୁ ଫୋନ କରି ଜଣାଇ ଥିଲେ । ତୁରନ୍ତ ଖବର ପାଇ ଘଟଣା ସ୍ଥଳକୁ ପହଂଚି ମହିଳା କୁ ଉଦ୍ଧାର କରି ବୁଝେଇ ଶୁଝେଇ ଆଣି ଜରପଡା ପୋଲିସ କୁ ହସ୍ତାନ୍ତର କରିଛନ୍ତି । ଏଭଳି ଖବର ଶୁଣି ମହାନତା ଦେଖାଇଥିବା ବେଳେ ଅଞ୍ଚଳ ରେ ଚର୍ଚ୍ଚାରେ ଚି□ରଞ୍ଜନ ଦାସ ।

## ଫ୍ଲାଏ ଓଭର ଏକ ବର୍ଷ ନପୂରୁଣୁ ବାରମ୍ବାର ଭାଙ୍ଗୁଛି ୱେରିଂ କୋଟ

ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ସହର ରେ ନିର୍ମିତ ହୋଇଥିବା ଫ୍ଲାଏ ଓଭର ର ଛାତ ନିର୍ମାଣରେ ସାମଞ୍ଜସ୍ୟ ର ଅଭାବ ଯୋଗୁଁ ବାରମ୍ବାର ୱେରିଂ କୋଟ ଭୟଙ୍ଗୁଥିବା ଦେଖିବାକୁ ମିଳିଛି ଯଠିକା ସଂସ୍ଥା ପକ୍ଷରୁ ନିୟମିତ ମରାମତି କରାଯାଉ ଥିଲେ ହେଁ ଏହାର ସ୍ଥାୟୀ ନିର୍ମାଣ ହୋଇ ପାରୁ ନାହିଁ ଯନିର୍ମାଣରେ ହୋଇଥିବା ଯାନ୍ତ୍ରିକ ତ୍ରୁଟିକୁ ଠିକା ସଂସ୍ଥା ପକ୍ଷରୁ ଗୋପନ ରଖାଯାଉ ଥିବାରୁ ଆଗାମୀ ଦିନରେ ଏହି ଫ୍ଲାଏ ଓଭର ର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଫ୍ଲାଏ ଓଭର ର ଏହି ଯାନ୍ତ୍ରିକ ତ୍ରୁଟି ସଂପର୍କରେ ଜଣେ ଯନ୍ତ୍ରୀ ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ଫ୍ଲାଏ ଓଭର ନିର୍ମାଣ ବେଳେ ଦୁଇଟି ପିଲାର ମଧ୍ୟରେ ଚାରୋଟି ବିମ୍ ଲଗାଯାଇ ଫ୍ଲାଏ ଓଭର ର ଛାତ କୁ ସମାନ୍ତର ଭାବେ ଖଞ୍ଜା ଯାଇ ଥାଏ ।ଏହା ପରେ ଉକ୍ତ ଛାତ ଉପରେ ୱେରିଁ କୋଟ ଲଗା ଯାଇଥାଏ । ଛାତ ଖଞ୍ଜା ରେ ସମାନ୍ତର ରହିଲେ ,ଏହା ଉପରେ ଯେଉଁ ୱେରୀଙ୍ଗ କୋଟ ଲଗା ହୁଏ, ତାହା ଦୀର୍ଘ ସ୍ଥାୟୀ ହୋଇ ରହିଥାଏ ।ଏହା ସହିତ ୱେରିଙ୍ଗ କୋଟ କୁ ମଧ ଉଚିତ ଓ ସମାନ୍ତର (ଲେଭେଲ) ମାତ୍ରାରେ ଲଗା ଗଲେ ତାହା ମଜବୁତ ହୋଇ ରହିଥାଏ ଯମାତ୍ର ଯୋଡା ଫ୍ଲାଏ ଓଭର ନିର୍ମାଣ ରେ ଏହାର ବ୍ୟତିକ୍ରମ ଦେଖା ଦେଇଛି ।ଫ୍ଲାଏ ଓଭର ର ବିଭିନ୍ନ ସ୍ଥାନରେ ୱେରୀଙ୍ଗ କୋଟ ଉଠି ଯାଇ ଖାଲ ସୃଷ୍ଟି ହେଉଛି ।ଏଥିରେ ଲଗାଯାଇ ଥିବା ୱେରିଙ୍ଗ କୋଟ କେଉଁ ଜାଗାରେ ୩୦ ମିଲି ମିଟର ତ କେଉଁଠାରେ ୩୦୦ ମିଲୀ ମିଟର ରହିଛି ଯାହାକି ସବୁ ସ୍ଥାନରେ ଏହା ୭୫ ମିଲି ମିଟର ରୁ ୧୦୦ ମିଲୀ ମିଟର ମଧ୍ୟରେ ରହିବୟ ଉଚିତ । ଏହା ସହିତ ୱେରିଙ୍ଗ କୋଟ ନିମ୍ନ ମାନ ର ଯାହାକି ମାଟି ମିଶ୍ରିତ ବାଲି , ଛୋଟ ପଥର ମିଶି ରହି ଥିବାରୁ ଭାରି ଯାନ ଚଳାଚଳ ସମୟରେ ତାହା ଭାଙ୍ଗି ଉଠି ଯାଉଛି । ବାରମ୍ବାର ଏହି ସମସ୍ୟା ଦେଖା ଦେଉଛି ।ଏଣୁ ମେନ୍ ଷ୍ଟ୍ରକଚର ର ଲେଭେଲ୍ କୁ ସମାନ୍ତର କରିବା ସହିତ ୱେରିଙ୍ଗ କୋଟ କୁ ମଧ ସମାନ୍ତର ରେ ଲଗା ଗଲେ ଆଗାମୀ ଦିନରେ ଏହି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି କୁହା ଯାଉଛି ।ସୂଚନା ଯୋଗ୍ୟ କି, ତା ୧୧/ ୦୩/ ୨୦୨୪ ରିଖରେ ଓଡ଼ିଶା ର ଦୀର୍ଘତମ ଫ୍ଲାଏ ଓଭର କୁ ଉଦ୍ଘାଟନ କରାଯାଇଥିଲା । ଡିଏମଏଫ୍ ପ୍ରତିଷ୍ଠାନ ରୁ ପ୍ରାୟ ୨୫୦ କୋଟି ଅନୁଦାନ ରେ ଏହି ଫ୍ଲାଏ ଓଭର ନିର୍ମାଣର ବ୍ୟୟ ବରାଦ କରାଯାଇଥିଲା । ଏହି ଫ୍ଲାଏ ଓଭର ର ଉଦ୍ଘାଟନ ସମୟରେ ଫ୍ଲାଏ ଓଭର ର ନିର୍ମାଣ କାରୀ ସଂସ୍ଥା ଚେଭରକସ୍ ପକ୍ଷରୁ କୁହାଯାଇ ଥିଲା ଯେ,ଓଡ଼ିଶାର ଏହା ଦ୍ୱିତୀୟ ଦୀର୍ଘତମ ଫ୍ଲାଏ ଓଭର ,ଯାହାର ଦୂରତା ପ୍ରାୟ ୨.୯କିମି । ଫ୍ଲାଏ ଓଭର ର ସ୍ଥାୟିତ୍ୱ ଶହେ ବର୍ଷ ବୋଲି ଠିକା ସଂସ୍ଥା ପକ୍ଷରୁ କୁହା ଯାଇ ଥିଲା ।ମାତ୍ର ବର୍ଷେ ନ ପୁରୁଣୁ ଫ୍ଲାଏ ଓଭର ର ଏପରି ଅବସ୍ଥା ସୃଷ୍ଟି ହେବା ଯୋଗୁଁ ଏହାର ସ୍ଥାୟିତ୍ୱ କୁ ନେଇ ପ୍ରଶ୍ନ ଉଠିଛି ।ସବୁଠାରୁ ଚିନ୍ତା ଜନକ ବିଷୟ ହେଉଛି ଫ୍ଲାଏ ଓଭର ଉଦ୍ଘାଟନ ପରେ ଏହାର ମରାମତି ନିୟମିତ କରାଯାଉଛି ଯଓଡ଼ିଶା ବ୍ରିଜ କନଷ୍ଟ୍ରକ୍ସନ୍ ଲିମିଟେଡ(ଓ ବି ସିସି)ସହିତ ଠିକା ସଂସ୍ଥା ଚେଭରକ ସ୍ ର ଚୁକ୍ତି ଅନୁଯାୟୀ,ଫ୍ଲାଏ ଓଭର ମରାମତି କାର୍ଯ୍ୟ ୪ ବର୍ଷ ପର୍ଯ୍ୟନ୍ତ ଠିକା ସଂସ୍ଥା ପକ୍ଷରୁ କରାଯିବ ।ଫ୍ଲାଏ ଓଭର ନିର୍ମାଣରେ ରହିଥିବା ତ୍ରୁଟି କୁ ସ୍ଥାୟୀ ନିର୍ମାଣ କରା ଯାଉ ନ ଥିବାରୁ ମରାମତି ଚୁକ୍ତି ଅବଧି ଶେଷ ହେବା ପରେ ଫ୍ଲାଏ ଓଭର ରେ ଭାରିଯାନ ଚଳାଚଳ ରେ କେତେ ସୁରକ୍ଷିତ ରହିବ ତାହା ହେଉଛି ଏକ ବଡ ପ୍ରଶ୍ନ । ଏ ସମ୍ପର୍କରେ କେନ୍ଦୁଝର ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଦାସ କହିଛନ୍ତି ଯେ,ତତ୍କାଳୀନ ବିଜେଡି ସରକାର ଭୋଟ ପାଇବା ଆଶାରେ ଉଦ୍ଘାଟନ ପାଇଁ ଠିକା ସଂସ୍ଥା ଉପରେ ଚାପ ପକାଇଥିଲେ ।ଏଥିପାଇଁ ଠିକା ସଂସ୍ଥା ତରବରିଆ ଭାବେ କାର୍ଯ୍ୟ କରି ଥିଲା ଯଫଳରେ ଏହି ତ୍ରୁଟି ଦେଖା ଦେଇଛି ।ପୋଲ ନିର୍ମାଣ ଯନ୍ତ୍ରୀ ଙ୍କୁ ନେଇ ଏକ କମିଟି ଗଠନ କରି ଏହାର ତଦନ୍ତ କରି ଏହାର ସ୍ଥାୟୀ ମରାମତି କରିବା ଆବଶ୍ୟକ, ନ ହେଲେ ଆଗାମୀ ଦିନରେ ଫ୍ଲାଏ ଓଭର ଭୁଶୁଡ଼ି ପଡ଼ି ବହୁ ଧନ ଜୀବନ ହାନି ହେବାର ସମ୍ଭାବନା କୁ ଏଡାଇ ଦିଆ ଯାଇ ନ ପରେ ବୋଲି ସେ କହିଛନ୍ତି । ଏ ନେଇ ଠିକା ସଂସ୍ଥା ଚେଭରକସ୍ ର ପ୍ରୋଜେକ୍ଟ ମ୍ୟାନେଜର ଶୁଭଙ୍କର ଦେବ ନାଥ ଙ୍କୁ ଫ୍ଲାଏ ଓଭର ର ୱେରିଙ୍ଗ କୋଟ କାହିଁକି ଉଠି ଯାଉ ଛି ବୋଲି ପଚାରିବାରୁ ସେ ଏହି ପ୍ରଶ୍ନ କୁ ଏଡାଇ ଓବୀ ସି ସି କୁ ପଚାରିବା ପାଇଁ କହିଥିଲେ ।ତେବେ ଏହି ଓଣ ଓଡ଼ିଆ ଠିକା ସଂସ୍ଥା ଚେଭରକସ୍ ପୂର୍ବ ସରକାର ଙ୍କ କାର୍ଯ୍ୟକାଳ ସମୟରେ ନିଜର ପ୍ରଭାବ ବିସ୍ତାର କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ହାତକୁ ନେଇ ଥିଲା ।ନିର୍ମାଣ କାର୍ଯ୍ୟରେ ବ୍ୟାପକ ହେରଫେର କରିଥିବା ଘଟଣା ବିଭିନ୍ନ ସମୟରେ ଗଣ ମାଧ୍ୟମରେ ପ୍ରକାଶ ପାଇ ଆସୁଛି ।ଏହା ପରେ ମଧ ବର୍ତ୍ତମାନ ସରକାର କୁ ପ୍ରଭାବିତ କରି ଠିକା ସଂସ୍ଥା ସାଲେପୁର ଓ ବ୍ରହ୍ମପୁର ରେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ହାତେଇବାରେ ସକ୍ଷମ ହୋଇ ଥିବା ସମସ୍ତଙ୍କୁ ଚକିତ କରିଛି ।

## ଆସିକାରେ ବିଜୁ ଜନତାଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ



ଆସିକା (ମହାଭାରତ): ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ଆସିକା ରେ ବଡ଼ ଧୂମାଧାମ ର ସହିତ ପାଳିତ ହୋଇଯାଇଛି । ଲ ଏହି ଅବସରରେ ପ୍ରଥମେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ ଙ୍କ ସହିତ ଆସିକା ବିଜ୍ଞାପିତଅଞ୍ଚଳ ପରିଷଦର ସମସ୍ତ କାଉନସିଲର ଙ୍କ ସହ ଶତାଧିକ ମହିଳା ଓ ପୁରୁଷ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଫଳ ଓ ମିଷ୍ଟାର୍ନ ବଣ୍ଟନ କରିଥିଲେ । ଅନୁରୂପ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ତତସହ ଆସିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ ପରେ ଦେବଭୂମି କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଆସିକାର ପୂର୍ବତନ ସାଂସଦ ପ୍ରମିଳା ବିଶୋଇ ଉପସ୍ଥିତ ଥିଲା ବେଳେ ଅନ୍ୟ ଅତିଥିଭାବେ ବରିଷ୍ଠ ବିଜେଡି ନେତା ହର ସାହୁ, ଆସିକା ବ୍ଲକ ପୂର୍ବତନ ଅଧକ୍ଷ ହରେକୃଷ୍ଣ ମଲ୍ଲିକ,ଯୁବନେତା ନଚିକେତା ସ୍ୱାଇଁ,ଅଶ୍ୱିନୀ ସ୍ୱାଇଁ ରଶ୍ମିତା ସେନାପତି,ଦକ୍ଷିଣ ଓଡିଶା ସରପ□ ସଙ୍ଘ ସଭାପତି ଭାବନୀ ଶଙ୍କର ମଲ୍ଲିକ,ନନ୍ଦ କୁମାର ବିଷୋୟୀ, ଆସିକା ବ୍ଲକ ଅଧକ୍ଷା ପ୍ରତିନିଧି ଶିବ ନାହାକ, ଆସିକା ବିଜ୍ଞାପିତ ଅ□ଳ ପରିଷଦ ଉପାଧକ୍ଷା ଜୟନ୍ତୀ ବିଷୋୟୀଙ୍କ ସମେତ ଏହି କାର୍ଯ୍ୟକ୍ରମରେ ଆସିକା ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟା ,ସମସ୍ତ ସରପ□ , ସମିତିସଭ୍ୟ/ ସଭ୍ୟା ଗଣ , ଏନ .ଏ .ସି କାଉନସିଲର ,ବିଜୁ ଜନତା ଦଳ ର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ବିଜୁ ଜନତା ଦଳ ,ଯୁବ , ଛାତ୍ର, ମହିଳା, କୃଷକ ଜନତା ଦଳର ସମସ୍ତ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ, ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ବିଜୁ ଜନତା ଦଳର ସମସ୍ତ ଅଗ୍ରଣୀ କର୍ମୀବୃନ୍ଦ,ବିଜୁ ପ୍ରେମୀ, ବୁଦ୍ଧିଜୀବି ମାନେ ନିଶ୍ଚିତ ରୁପେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରି ସହ ଆଗାମୀ ଦିନରେ କିପରି ବିଜେଡି କୁ ସୁଦୃଢ଼ କରାଯିବା ସେ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

## ହିନ୍ଦୋଳରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ହିନ୍ଦୋଳ(ମହାଭାରତ)ସାରା ଓଡ଼ିଶାରେ ଧୁମଧାମରେ ବିଜୁଜନତାଦଳ ପାଳନ କରୁଛି ୨୮ତମ ପ୍ରତିଷ୍ଠା ଦିବସଯଦଳ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ସ୍ଥିତ ସତମାଇଲ ହାଟ ପଡିଆ ଠାରେ ପ୍ରତିଷ୍ଠା ଦିବସ ବିଶାଳ ସଭା ଆଜି ପାଳିତ ହୋଇଯାଇଛି । ଓଡାପଡା ବ୍ଲକ ବିଜେଡି ସଭାପତି ଚି□ରଞ୍ଜନ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ହିନ୍ଦୋଳର ଜନନେତା ପୂର୍ବତନ ସାଂସଦ ସିଧାସଳଖ ସରକାରଙ୍କ ଉପରେ ବର୍ଷିବା ସହ ସମାଲୋଚନା କରି କହିଛନ୍ତି ଭତ୍ତା, ବିଜୁଳି, ଶୀତଳଭଣ୍ଡାର, ଧାନର ସର୍ବନିମ୍ନ ମୂଲ୍ୟ, ଦରଦାମ ନିୟନ୍ତ୍ରଣ ଇତ୍ୟାଦି ପ୍ରତିସୃତି ପାଳନ ନକରି ମିଥ୍ୟା ପ୍ରତିଶୃତି ପ୍ରଲୋଭନ ଦେଖାଇ ଆସିଥିବା ସରକାର ଜନସାଧାରଣଙ୍କୁ ଠକିବା ସହ ପ୍ରତାରଣା କରୁଛନ୍ତି । ତେବେ ବିଜୁଜନତାଦଳ ଏହାର ରାଜ୍ୟବ୍ୟାପି ପ୍ରତିବାଦ କରିବାସହ ରଙ୍ଗବଦଳାଇବାରେ ବିଶ୍ୱାସ କରୁଥିବା ସରକାରଙ୍କ ଅପାରଗତାକୁ ଜନସାଧାରଣଙ୍କ ପାଖକୁ ନେବାସହ ଜନତାଙ୍କ ହକପାଇଁ ଲଢେଇ ଜାରି ରଖିବ ଏବଂ ନବୀନ ପଟ୍ଟନାୟକଙ୍କ ପରିଶ୍ରମ ଓ ସ୍ୱପ୍ନକୁ ବ୍ୟର୍ଥ ହେବାକୁ ଦେବନିୟ ଶହଶହ ସଂଖ୍ୟାରେ ସ୍ୱତଃପ୍ରବୃ□ ଭାବରେ ଯୋଗଦେଇଥିବା ଆଜିର ଏହି ଜନସଭା ତଥା ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ନେତୃମଣ୍ଡଳୀ ନିଜନିଜ ଓଜସ୍ୱିନି ଅଭିଭାଷଣରେ ବିଜେଡି ର ଆଭିମୁଖ୍ୟ, ପ୍ରତିଷ୍ଠାର ଉଦ୍ଧେଶ୍ୟ ତଥା ଓଡ଼ିଶାର ସାଢ଼େ ୪କୋଟି ଜନସାଧାରଣଙ୍କ ସେବାପାଇଁ ନବୀନ ଓ ବିଜେଡି ପ୍ରତିଶୃତିବଦ୍ଧ ବୋଲି କହିଛନ୍ତି । ଏହି ପ୍ରତିଷ୍ଠା ଦିବସରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ସଭ୍ୟସଂଗ୍ରହ କୋର୍ଡିନେଟର ସଂଯୁକ୍ତା ବେହେରା,ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ ଓ ମମାତାଞ୍ଜଳି ବେହେରା,ଓଡାପଡା ବ୍ଲକ ଅଧକ୍ଷକ୍ଷ ସସ୍ମିତା ମହାନ୍ତି, ଉପାଧକ୍ଷ ଅମିତାଭ ସ୍ୱାଇଁ, ହିନ୍ଦୋଳ ଏନଏସି ଉପାଧାକ୍ଷା ପ୍ରତିମା ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ରାଜ୍ୟ ଯୁବବିଜେଡି ସମ୍ପାଦକ ଦେବିପ୍ରସାଦ ପଟ୍ଟନାୟକଢେଙ୍କାନାଳ ଜିଲ୍ଲା ବିଜେଡି ସଂପାଦକ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ଯୁବବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ,ଜିଲ୍ଲା ସମ୍ପାଦକ ବାବୁ ଭଞ୍ଜ,ଜିଲ୍ଲା ଉପସଭାପତି ନରୋତ୍ତମ ରାଉତ,ମହିଳା ସଭାପତି ଯୋଗମାୟା ଗଡ଼ନାୟକ, କାଉନସିଲର ସୁମତି ଦେହୁରୀଅନୁପମା ସାହୁ, ବିଜୟ ପ୍ରଧାନ, ଶୁଭଲକ୍ଷ୍ମୀ ଦେହୁରୀ,ରିତାରାଣୀ ବେହେରା, ଦୁଦୁରକୁଟ ସରପଞ୍ଚ ମନୋଜ ବେହେରାପୂର୍ବତନ କଡଲା ସରପଞ୍ଚ ସନ୍ତୋଷ ଗଡ଼ନାୟକ,ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତା ବିଜୟ ବେହେରା, କୈଳାଶ ବେହେରା,ଆଇଟି ସେଲ କୋର୍ଡିନେଟର ଶ୍ରୀକାନ୍ତ ମହାପାତ୍ର, ରମେଶ ସାହୁ, ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗଦେଇଥିଲେ । ଉଲ୍ଲେଖଯୋଗ୍ୟ ଆଜି ବିଜେଡି ପ୍ରତିଷ୍ଠା ଦିବସରେ ସରକାରଙ୍କ ପ୍ରତାରଣାର ଶିକାର ହୋଇଥିବା ୮୦ବର୍ଷୀୟ ବୃଦ୍ଧବୃଦ୍ଧା ମାନଙ୍କୁ ନିର୍ବାଚନମଣ୍ଡଳୀ ନେତା ମହେଶ ସାହୁ ଓ ବିଜେଡି କାର୍ଯ୍ୟକର୍ତ୍ତା ମାନେ ଉତ୍ତରୀୟ ଦେଇ ସମ୍ମାନିତ କରିବାସହ ସେମାନଙ୍କ ହକପାଇଁ ବିଜେଡି ଲଢେଇ ଜାରି ରଖିବ ବୋଲି ଆଶ୍ୱାସନା ଦେଇଥିଲେ ।

## ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ଓ ସୁଶାନ ଦିବସ ପାଳିତ

ଦଶରଥପୁର , (ମହାଭାରତ ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ସଂଲଗ୍ନ ଥାଲକୁଡ଼ି ସ୍ଥିତ ବିଜେପି ଅସ୍ଥାୟୀ କାର୍ଯ୍ୟାଳୟ ଠାରେ ରାଷ୍ଟ୍ରନୀତିଜ୍ଞ, ପ୍ରସିଦ୍ଧ ହିନ୍ଦୀ କବି, ବିଜେପିର ପ୍ରଥମ ସଭାପତି, ଭାରତରତ୍ନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ଜନ୍ମଜୟନ୍ତୀ ତଥା ସୁଶାନ ଦିବସ ପଳିତ ହୋଇଯାଇଛି । ଏହି ଅବସରରେ ବିଂଝାରପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ଦଳିତ ସେଲର ଜିଲ୍ଲା ଉପ ସଭାପତି ଗୋପୀନାଥ ଯେନା, ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସରପ□ ତଥା ୭ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶସଧର ବେହୁରିୟା, ଥାଲକୁଡ଼ି ପଞ୍ଚାୟତର ପ୍ରାକ୍ତନ ସରପ□ ଲକ୍ଷ୍ମୀପ୍ରିୟା ବେହୁରିୟା, ବିଜେପି ନେତ୍ରୀ ଚିନ୍ମୟୀ ପାଣ୍ଡ, ଯୁବ ବିଜେପି ନେତା ଲିଟନ ପାତ୍ର, ଅନନ୍ତ ମଲ୍ଲିକ, ନୃସିଂହ ସାହୁ, ଦିଲୀପ ପାତ୍ର, ଉମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବାଜପେୟୀଙ୍କ ଜୀବନି ଆଦର୍ଶ ଉପରେ ଆଲୋକ ପାତ କରିବା ସହ ବାଜପେୟୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସଂକଳ୍ପ ନେଇଥିଲେ ।

## ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା

ସମ୍ବଲପୁର; (ମହାଭାରତ):ଆଜି ସମ୍ବଲପୁର ରେ ସୁଶାସନ ଦିବସ ଏବଂ ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା,କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ର ଅନ୍ତିମ ଦିନ ପାଳନ କରାଯାଇଛି । ଆଜିର ଦିନଟି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଜନ୍ମଦିନ ଅବସରରେ ପାଳନ କରାଯାଉଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ବିଚାରଧାରା ଏବଂ ଅଭିବ୍ୟକ୍ତିର ବଡ ପ୍ରତୀକୟ ସେ ଏକ ଧାରାରେ ଜଣେ ବଳିଷ୍ଠ କର୍ମଠ, ଦକ୍ଷ, ସୁସାହିତ୍ୟିକ, ବିଶିଷ୍ଟ କବି, ସାମ୍ବାଦିକ, ସଂଗଠକ, ସମ୍ପାଦକ, ରାଜନୈତିକ ଆଦର୍ଶ ବ୍ୟକ୍ତି, ଭାରତ ରାଜନୀତିର ଭୀଷ୍ମ ପିତାମହ, ଭାରତରତ୍ନ ପଦ୍ମଭୂଷଣ ପୂର୍ବତନ ପ୍ରଧାନମନ୍ତ୍ରୀ ଥିଲେ । ଜୟ ଜବାନ, ଜୟ କିଷାନ ପରେ ଜୟ ବିଜ୍ଞାନକୁ ସେ ଯୋଡ଼ିଥିଲେ । ପୋଖରାନ ପରୀକ୍ଷଣର ସଫଳତା, ଜାତୀୟ ରାଜପଥର ଉତ୍ତତିକରଣ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଇତ୍ୟାଦି ତାଙ୍କ କାର୍ଯ୍ୟକାଳ ଭିତରେ ସର୍ବଶ୍ରେଷ୍ଠ କାର୍ଯ୍ୟ ଥିଲା । ସୁଶାସନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ସରକାରୀ କାର୍ଯ୍ୟରେ ପାରଦର୍ଶିତା, ନ୍ୟାୟ, ଏବଂ ଲୋକଙ୍କ ସେବାକୁ ଗୁଣାତ୍ମକ ଭାବେ ବୃଦ୍ଧି କରିବାୟ କେମିତି ସର୍ବନିମ୍ନ ସରକାର ଓ ସର୍ବାଧିକ ସୁଶାସନ ମଡେଲରେ କାମ କରିପାରିବା । ସରକାରଙ୍କ ବିଭିନ୍ନ ସେବା ଓ ଜନ କଲ୍ୟାଣ ଯୋଜନା ଗୁଡିକ ଲୋକମାନଙ୍କ ପାଖରେ ପହଞ୍ଚିପାରିବ ଏବଂ ଲୋକମାନେ ବିନା ସମସ୍ୟାରେ ସବୁ ସୁବିଧା ପାଇପାରିବେ ଆଦି ହେଉଛି ସୁଶାସନ ର ଲକ୍ଷଣ ।ସମ୍ବଲପୁର ର ପିଏଚଡ଼ି ପଡିଆ ଠାରେ ଜିଲ୍ଲା ପ୍ରଶାସନ ପକ୍ଷ ରୁ ସୁଶାସନ ଦିବସ ଏବଂ ଏବଂ ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା,କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ର ଅନ୍ତିମ ଦିନ ସମନ୍ୱୟ ଭାବେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ , ଓଡିଶା ସରକାର ଶ୍ରୀ ରବିନରାୟଣ ନାୟକ, ସମ୍ବଲପୁର ର ମାନ୍ୟବର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ଶ୍ରୀ ନାଉରି ନାୟକ, ରାଜସ୍ୱ ବିଭାଗୀୟ ଆୟୁକ୍ତ-ଉତ୍ତରାଞ୍ଚଳ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ (ଆଇ.ଏ.ଏସ), ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ସମ୍ବଲପୁର ମହାନଗର ନିଗମ ର କମିଶନର ଶ୍ରୀ ବେଦଭୂଷଣ (ଆଇ.ଏ.ଏସ), ପ୍ରମୁଖ ମଞ୍ଚାସୀନ ଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ଯୋଗ ଦେଇ ଅଟଳ ଜିଙ୍କ ଅବଦାନ ଚାଷୀ ମାନଙ୍କ କ୍ଷେତ୍ର ରେ ଅତୁଳନୀୟ ବୋଲି କହିଥିଲେ ।ଚାଷି ମାନଙ୍କ ନିମନ୍ତେ କ୍ଷମତା ର ବିକେନ୍ଦ୍ରୀ କରଣ କରାଯାଇଛି, ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥା ହୋଇଛି ଯାହା ଫଳରେ ଜଣେ କ୍ଷୁଦ୍ର ଚାଷୀ ଟେ ମଧ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନହେଉ, ଉତ୍ତତି କରି ପାରୁ । ଅଟଳ ଜିଙ୍କ ସ୍ୱପ୍ନ ଥିଲା ଭାରତ ବର୍ଷ ବିଶ୍ ରେ ଶ୍ରେଷ୍ଠ ଦେଶ ହେବ,ସେଥିପାଇଁ ଆମଙ୍କୁ ଚାଷୀ ଙ୍କର ଉନ୍ନତି କରିବା ପଡିବ, ଚାଷୀଙ୍କ ର ଉତ୍ତତି ସେତେବେଳେ ହେବ ଯେତେବେଳେ ସୁଶାସନ ର ବ୍ୟବସ୍ଥା ହେବେୟ ମାନ୍ୟବର କେନ୍ଦ୍ରମନ୍ତ୍ରୀ, ଶିକ୍ଷା କହିଥିଲେ ଚାଷୀଙ୍କ ଉତ୍ତତି ପାଇଁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯାଉଛି । ଏବଂ ଭବିଷ୍ୟତରେ ରେ ଆଦର୍ଶ ମଣ୍ଡି ମଧ କରାଯିବ । ସମ୍ବଲପୁରର ପରିଚୟ ହେଉଛି କୃଷି ସେଥି ପାଇଁ ,ଆଗାମୀ ଦିନରେ କେନ୍ଦ୍ର ସରକାର ଙ୍କ ତରଫରୁ ୧୦୦ କୋଟି ଟଙ୍କାର ଅନୁଦାନ ମିଳିଛି ଯାହାର ବିନିଯୋଗରେ ସମ୍ବଲପୁରରେ ଆକୁଆ ପାର୍କ ନିର୍ମାଣ କରାଯିବ । ଚାଷୀ,ଶିଳ୍ପ,ବୁଣାକାରୀ ଆଦି କ୍ଷେତ୍ରରେ ଉତ୍ତତି କରି ସମ୍ବଲପୁରର ଅର୍ଥନୀତିକୁ ସମୃଦ୍ଧ କରି ଗୋଟେ ସୁନ୍ଦର, ସମୃଦ୍ଧଶାଳୀ , ସମ୍ପର୍ଣ୍ଣ ସମ୍ବଲପୁର ଗଢିତୋଳିବାୟ ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଥିଲେ ଚାଷ କ୍ଷେତ୍ରରେ ଉତ୍ପାଦନକୁ ଦୁଇରୁ ତିନି ଗୁଣ ବୃଦ୍ଧି କରାଇବାକୁ ହେଲେ କୃଷି କ୍ଷେତ୍ର ରେ ଉତ୍ତତି ଆଣିବାକୁ ହେବ ସେଥିପାଇଁ କୃଷି ଯାନ୍ତ୍ରୀକରଣରେ ଆଧୂନିକୀକରଣ କରାଯାଉଛି, ସରକାରଙ୍କ ତରଫରୁ ବହୁ ସୁବିଧା ମଧ ଯୋଗାଇ ଦିଆଯାଉଛି । ସୁଶାସନ ଦିବସ ପାଳନ ଉପଲକ୍ଷେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା , ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା, ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରଯାଇଥିଲା । ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ବୁଢାରାଜା ବାଳିକା ଉଚ୍ଚ ବିଦ୍ୟାଳୟ ର ରାଖୀ ଶର୍ମା ପ୍ରଥମ ସ୍ଥାନ, ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ର ଜ୍ଞାନଦେବ ମହାନନ୍ଦ ଦ୍ୱିତୀୟ ସ୍ଥାନ, ଲେଡି ଲୁଇସି ଉଚ୍ଚ ବିଦ୍ୟାଳୟ ର ଅଂଶିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହାବିଦ୍ୟାଳୟ ସ୍ତରରେ ହୀରାକୁଦ ମହାବିଦ୍ୟାଳୟ ର ପାୟଲ ସାହୁ ପ୍ରଥମ ସ୍ଥାନ , ସରକାରୀ ମହିଳା ମହାବିଦ୍ୟାଳୟ ର ପ୍ରତୀକ୍ଷା ନାୟକ ଦ୍ୱିତୀୟ ସ୍ଥାନ, ବୁର୍ଲା ଏନଏସି ମହାବିଦ୍ୟାଳୟ ର ରୋହନ ବଞ୍ଛୋର ତୃତୀୟ ସ୍ଥାନ ଅଧିକାର କରିଥିଲେ । କବି ସମ୍ମିଳନୀ ରେ ଶିବଶଙ୍କର ପ୍ରଧାନ, ପଙ୍କଜିନୀ ନାୟକ, ଡ଼ ସୁଧାଂଶୁ ଭୂଷଣ ଷଣ୍ଢ, ଜୟକୃଷ୍ଣ ବେହେରା, ତରଣିସେନ ମେହେର, ମହମ୍ମଦ ତଫିଜୁଲ ହୁସେନ ପ୍ରମୁଖ କବି କବିତା ପାଠ କରିଥିଲେ ।

## ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ ଲଳିତ ମୋହନ ମିଶ୍ର

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଗଜପତି ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଥିବା ଗଜପତି ଉତ୍ସବ ୨୦୨୪ ରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ ଲଳିତ ମୋହନ ମିଶ୍ରୟ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଶ୍ରୀଯୁକ୍ତ ବାଳ ମୁକୁନ୍ଦ ଭୂୟାଁ ଓ ଜିଲ୍ଲା ବନ ଖଣ୍ଡ ଅଧିକାରୀ ଏସ ଆନନ୍ଦ ପ୍ରକୃତି ବନ୍ଧୁ ଲଳିତ ମୋହନ ମିଶ୍ରଙ୍କୁ ଉପଢୌକନ , ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରକୃତିକୁ ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନିୟ ଅବଦାନ ପାଇଁ ପ୍ରୋତ୍ସାହନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛ ।



# କଂଗ୍ରେସକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସିଧାସଳଖ ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଟାର୍ଗେଟ କରିଛନ୍ତି । କଂଗ୍ରେସ କ୍ଷମତାରେ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ବିଳମ୍ବିତ କରୁଥିବା ଓ ପ୍ରଭାବୀ ନୀତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା ବୋଲି ମୋଦି ଅଭିଯୋଗ କରିଛନ୍ତି । ଗୁଡ ଗଭର୍ନାନ୍ସ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦି ଅଭିଯୋଗ କରିଛନ୍ତି ଯେ ଦେଶର ସର୍ବପୁରାତନ ରାଜନୀତିକ ଦଳ ଜଳ ସଂରକ୍ଷଣ କାମକୁ ଅଣଦେଖା କରିଥିଲା ଓ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହୋଇଥିଲା । ବିଶେଷ କରି ବୁନ୍ଦେଲଖଣ୍ଡର ଚାଷୀ ଏହା ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । ମୋଦି ଦାବି କରିଛନ୍ତି ଯେ ବାବା ସାହେବ ଆମ୍ବେଦକର ଭାରତର ଜଳ ସଂରକ୍ଷଣ ନୀତିକୁ ଉପଯୁକ୍ତ ରୂପ ଦେବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ନିୟମିତ ଭାବେ ତାଙ୍କ ଅବଦାନକୁ ଅଣଦେଖା କରି ଆସୁଥିଲା । ସ୍ୱାଧୀନତା ପରେ ବାବା ସାହେବଙ୍କ ଦୂରଦୃଷ୍ଟି ଭାରତ ଜଳ ଉତ୍ସ ଓ ସଂରକ୍ଷଣ ଉଦ୍ୟମକୁ ଆଗକୁ ନେଇଥିଲା । ଏବେ ବି କେନ୍ଦ୍ରୀୟ ଜଳ କମିଶନ ରହିଛି । ଏହା ପଛରେ ବାବା ସାହେବଙ୍କ ଭୂମିକା ରହିଛି । କିନ୍ତୁ କଂଗ୍ରେସ କେବେ ହେଲେ ଏଥିପାଇଁ ତାଙ୍କୁ ଶ୍ରେୟ ଦେଇନାହିଁ ବୋଲି ମୋଦି କହିଛନ୍ତି । ମୋଦି ଆହୁରି କହିଛନ୍ତି, କଂଗ୍ରେସର ବିଶ୍ୱାସ ଗଭର୍ନାନ୍ସ ହେଉଛି ସେମାନଙ୍କର ଜନ୍ମଗତ ଅଧିକାର। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ସେମାନେ ବିଫଳ । ଲୋକଙ୍କୁ କୌଣସି ଫାଇଦା ନ ଦେଇ ସେମାନେ କେବଳ ଯୋଜନା ଘୋଷଣା କରିବାରେ ବେଶ ମାହିର । ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ସରକାର ଭିତ୍ତିପ୍ରସ୍ତର ପ୍ରତିଷ୍ଠା ପରେ ମଧ ବିଭିନ୍ନ ପ୍ରକଳ୍ପକୁ ୩୫ରୁ ୪୦ ବର୍ଷ ବିଳମ୍ବ କରୁଥିଲା । ଗଭର୍ନାନ୍ସ ଓ କଂଗ୍ରେସ ଏକାଠି ଯାଇ ପାରିବେ ନାହିଁ। ବିଜେପିର କାର୍ଯ୍ୟକ୍ରମଗୁଡ଼ିକୁ ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ ମୋଦି ପିଏମ କିଷାନ ସମ୍ମାନ ନିଧି ଯୋଜନା ଓ ମଧ୍ୟପ୍ରଦେଶର ଲାଡଲୀ ବେହନା ଯୋଜନା କଥା କହିଛନ୍ତି । ଏହି ଦୁଇ ଯୋଜନା ଦ୍ୱାରା ଚାଷୀ ଓ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ମୋଦି କହିଛନ୍ତି ।



### ବାଂଲାଦେଶକୁ ଆମେରିକାର କଡ଼ା ଚେତାବନୀ

# ‘ସବୁ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷା ଦିଅ’

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ବାଂଲାଦେଶକୁ ଆମେରିକାର କଡ଼ା ଚେତାବନୀ। ସବୁ ଧର୍ମ, ସବୁ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷା ଦିଅ । ସମସ୍ତଙ୍କ ଅଧିକାରକୁ ସୁରକ୍ଷା ଦିଅ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ କାହାରି ମାନବିକ ଅଧିକାର କ୍ଷୁର୍ଣ୍ଣ ନ ହେଉ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ବାଂଲାଦେଶକୁ କୁହାଯାଇଛି । ଶେଖ ହସିନା ସରକାରଙ୍କ ପତନ ପରେ ବାଂଲାଦେଶରେ ଲାଗି ରହିଛି ଅରାଜକତା । ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଉଛି । କେବଳ ଯେ ଦଙ୍ଗାକାରୀମାନେ ଏପରି କରୁଛନ୍ତି, ତାହା ନୁହେଁ ସରକାରୀ ସ୍ତରରେ ବି ପୋଲିସ ଓ ଅନ୍ୟ ସଂସ୍ଥା ହିନ୍ଦୁମାନଙ୍କୁ ଟାର୍ଗେଟ କରୁଛନ୍ତି । ଏହାକୁ ନେଇ ସାରା ବିଶ୍ୱରେ ବିଶେଷ କରି ପଡ଼ୋଶୀ ଭାରତରେ ଉଦବେଗ ପ୍ରକାଶ ପାଇଛି ।

କିଛି ଦିନ ତଳେ ଇସ୍କନର ବଡ଼ ବଡ଼ ସନ୍ଥଙ୍କୁ ବିନା କାରଣରେ ଗିରଫ କରି ଜେଲରେ ରଖାଯାଇଛି । ଏପରିକି ସେମାନଙ୍କ ପାଇଁ ମାମଲା ଲଢ଼ିବାକୁ ଓକିଲମାନେ ବି ରାଜି ହେଉ ନାହାନ୍ତି । କେବଳ ଏତିକି ନୁହେଁ, ହିନ୍ଦୁମାନଙ୍କ ସହିତ ବୌଦ୍ଧ, ଶିଖ, ଖ୍ରୀଷ୍ଟିଆନ ବି ଆକ୍ରୋଶର ଶିକାର ହେଉଛନ୍ତି । ମନ୍ଦିର ଭାଙ୍ଗିବା ସହ ମୂର୍ତ୍ତି ଭାଙ୍ଗିଛନ୍ତି ଦୁର୍ବୃତ୍ତ। ବିଭିନ୍ନ ଧର୍ମପୀଠକୁ ବି ଟାର୍ଗେଟ କରାଯାଉଛି । ଏସବୁ ବନ୍ଦ କରାଯାଉ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କୁ କହିଛନ୍ତି ହ୍ୱାଇଟ୍ ହାଉସର ମୁଖପାତ୍ର ସୁଲିଭାନ । ବାଂଲାଦେଶ ଉପରେ ଆମେରିକା ତୀକ୍ଷଣ ନଜର ରଖିଛି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ।

# ଆପ ଓ ବିଜେପି ପାଇଁ କଂଗ୍ରେସ ଜାରି କଲା ‘ମୌକା ମୌକା ହର ବାର ଧୋକା’ ବହି

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି କଂଗ୍ରେସ ପକ୍ଷରୁ ‘ମୌକା ମୌକା ହର ବାର ଧୋକା’ ଶୀର୍ଷକ ଗୋଟିଏ ବହି ଜାରି କରାଯାଇଛି । ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ, ଦଳର ନେତା ଅଜୟ ମାକେନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଉଭୟ ବିଜେପି ଓ ଆପକୁ କଟାକ୍ଷ କରି ବହିକୁ ସାର୍ବଜନୀନ କରାଯାଇଛି । ଦିଲ୍ଲୀ ପାଇଁ ବିଜେପି ଓ ଆପ୍ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବାରମ୍ବାର ବିଫଳ ହୋଇଥିବାରୁ କଂଗ୍ରେସ ମୌକା ମୌକା ହର ବାର ଧୋକା ବହି ରିଲିଜ କରିଥିବା କହିଛି । ଦିଲ୍ଲୀ ପାଇଁ ଚିନ୍ତା ପ୍ରକଟ କରି ଦେବେନ୍ଦ୍ର ଯାଦବ କହିଛନ୍ତି, ବିଗତ ୧୧ ବର୍ଷ ହେଲା ଆପ୍ ଏଠାରେ କ୍ଷମତାରେ ରହିଛି । ସେହିପରି ୧୦ ବର୍ଷରୁ ଅଧିକ ସମୟ ହେଲାଣି ବିଜେପି କେନ୍ଦ୍ରରେ ରହିଛି । ଏହି ଦୁଇ ସରକାରଙ୍କୁ ଚୟନ କରିବା ବେଳେ ଦିଲ୍ଲୀବାସୀ ଅନେକ ଆଶା ରଖିଥିଲେ । ହେଲେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଲୋକଙ୍କୁ କେବଳ ଧୋକା ମିଳିଛି । ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ସହ ଆଉ କିଛି ବି ମିଳିନାହିଁ ବୋଲି ସେ କହିଛନ୍ତି । ଶୀଳା ଦୀକ୍ଷିତ ୧୫ ବର୍ଷ ଧରି ଦିଲ୍ଲୀରେ କଂଗ୍ରେସ ସରକାର ଚଳାଇଥିଲେ ।




ଏହି ସମୟରେ କ’ଣ ସବୁ ବିକାଶ ହୋଇଥିଲା, ସେକଥା ମଧ ଦେବେନ୍ଦ୍ର ଯାଦବ ଆଜି କହିଛନ୍ତି । ଭିତ୍ତିଭୂମି ଠାରୁ ଆରମ୍ଭ କରି ପରିବେଶର ସୁରକ୍ଷା, ମହିଳା ସଶକ୍ତୀକରଣ, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ କଲ୍ୟାଣ ଯୋଜନା ଓ ଆର୍ଥିକ ପଛୁଆ ବର୍ଗର ଲୋକଙ୍କ ପାଇଁ ରନ୍ଧନ ଗ୍ୟାସ ଓ ରାସନ କାର୍ଡର ବ୍ୟବସ୍ଥା କଂଗ୍ରେସ ସରକାର ସମୟରେ ହୋଇଥିଲା ବୋଲି ଯାଦବ କହିଛନ୍ତି ।

# ବ୍ୟାନର-ପୋଷ୍ଟର ୱାର୍: ଫଡନାଭିସଙ୍କୁ ଚିଠି ଲେଖିଲେ ଆଦିତ୍ୟ

**ମୁମ୍ବାଇ,୨୬।୧୨(ଏଜେନ୍ସି):** ଗତ ପାଞ୍ଚ ବର୍ଷ ମଧ୍ୟରେ ମହାରାଷ୍ଟ୍ର ରାଜନୀତିରେ ରାଜନେତିକ ଅସ୍ଥିରତା ପରେ ରାଜନେତିକ ଦଳମାନଙ୍କ ମଧ୍ୟରେ ‘ପୋଷ୍ଟର ୱାର’ର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ହଜାର ହଜାର ରାଜନେତିକ ପୋଷ୍ଟର ଦେଖିବାକୁ ମିଳୁଛି। ବିଶେଷ କରି ମୁମ୍ବାଇ ଏମଏମଆରରେ ଏହାର ସଂଖ୍ୟା ବହୁ ଅଧିକ ରହିଛି । ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବା ଏହି ପୋଷ୍ଟରଗୁଡିକ ମଧ୍ୟରୁ କେତେକ ଆଇନଗତ ହୋଇଥିବାବେଳେ ଅଧିକାଂଶ ବେଆଇନ । ଶିବସେନା ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ନେତା ତଥା ବିଧାୟକ ଆଦିତ୍ୟ ଠାକରେ ସହରକୁ ଅସୁନ୍ଦର କରୁଥିବା ଏହି ପୋଷ୍ଟର ଉପରେ କଟକଣା ଲଗାଇବାକୁ ଦାବି କରି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କୁ ଚିଠି ଲେଖିଛନ୍ତି । ବେଆଇନ ପୋଷ୍ଟର, ବ୍ୟାନର ଏବଂ ହୋର୍ଡିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିତ୍ୟ ଚିଠି ଲେଖିଛନ୍ତି । ଚିଠିରେ ଆଦିତ୍ୟ ଲେଖିଛନ୍ତି ଯେ, ଜଣେ ନାଗରିକ ଭାବରେ ମୁଁ ସହରକୁ ଅସୁନ୍ଦର କରୁଥିବା ଏଭଳି ପୋଷ୍ଟର ନେଇ ଦୁଃଖ ଅନୁଭବ କରୁଛି । ବେଆଇନ ପୋଷ୍ଟର ଏବଂ ହୋର୍ଡିଂକୁ ନିୟନ୍ତ୍ରଣ କରି ସହରକୁ ବହୁ ପରିମାଣରେ ଅପରିଷ୍କାରରୁ ରକ୍ଷା କରାଯାଇପାରିବ । ଏହି ଦିଗରେ ପଦକ୍ଷେପ ନେବାକୁ ଆଦିତ୍ୟ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି । ଏହି କାର୍ଯ୍ୟରେ ଆମ ଦଳ ଆପଣଙ୍କ ସହ ମିଳିତ ଭାବେ ଛିଡ଼ା ହୋଇଥିବା ଆଦିତ୍ୟ ସୂଚିତ କରିଛନ୍ତ । ଆଦିତ୍ୟ ଚିଠିରେ ଲେଖିଛନ୍ତି ଯେ ଯଦିଓ ଆପଣ ସରକାରରେ ଅଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଅଟନ୍ତି ଏବଂ ଆମେ ବିରୋଧୀ ଅଟୁ, ତେବେ ଏହି କାର୍ଯ୍ୟଗୁଡ଼ିକ ଉପରେ ଆମେ ଏକାଠି କାମ କରିବା ଉଚିତ୍ । ମୁଁ ଆପଣଙ୍କୁ ଏହି ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରୁଛି । ଏହି ଦିଗରେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବାକୁ ସେ ସମସ୍ତ ରାଜନେତିକ ଦଳକୁ ନିବେଦନ କରିଛନ୍ତି । ସେ ଲେଖିଛନ୍ତି, ଯଦି ସମସ୍ତ ରାଜନେତିକ ଦଳ ବେଆଇନ ପୋଷ୍ଟର, ବ୍ୟାନର ଏବଂ ହୋର୍ଡିଂ ନ ଲଗାଇବାକୁ ନିଷ୍ପତ୍ତି ନେବେ, ତେବେ ଏହା ନାଗରିକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ । ଆଦିତ୍ୟ ଆହୁରି ମଧ ପ୍ରତିଶ୍ରୁତି ଦେଇଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ସମସ୍ତ ଦଳର ବୈଠକ ଡାକନ୍ତି, ତେବେ ମୁଁ ଏବଂ ମୋର ଦଳ ଆପଣଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ।

# ୟୁକ୍ରେନ ଉପରେ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କଲା ରୁଷିଆ

**କିଭ୍,୨୬।୧୨(ଏଜେନ୍ସି):** ବଡ଼ଦିନ, ଡିସେମ୍ବର ୨୫ରେ ରୁଷିଆ ପକ୍ଷରୁ ୟୁକ୍ରେନ ଉପରେ ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରାଯାଇଛି । କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ୟୁକ୍ରେନର ବିଭିନ୍ନ ସହରକୁ ଟାର୍ଗେଟ କରାଯାଇଛି ।



ରୁଷିଆର ଆକ୍ରମଣ ୟୁକ୍ରେନର ଉତ୍ତର-ପୂର୍ବ ସହର ଖାର୍କିଭରେ ସର୍ବାଧିକ କ୍ଷତି ଘଟାଇଛି । ଖାର୍କିଭ ମେୟର ଟେଲିଗ୍ରାମରେ ଲେଖିଛନ୍ତି, ସହରରେ ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି । ଅନେକ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବେ ମଧ ସହର ଆଡକୁ ଗତି କରୁଛି ବୋଲି ସେ କହିଛନ୍ତି । ଆଞ୍ଚଳିକ ଗଭର୍ଣ୍ଣର ଓଲେହ ସିନିହୁବୋଭ କହିଛନ୍ତି ଯେ, ସେ ରୁଷିଆ ପକ୍ଷରୁ ସାତୋଟି ଆକ୍ରମଣ ହୋଇଥିବା ଗଣନା କରିଛନ୍ତି । ଆକ୍ରମଣ ଯୋଗୁ ଆହତଙ୍କ ସଂଖ୍ୟା ମଧ ଆକଳନ କରାଯାଉଛି । ଏହାପୂର୍ବରୁ, ୟୁକ୍ରେନ ବାୟୁସେନା ରିପୋର୍ଟ କରିଥିଲା ଯେ, ରୁଷିଆର ଟିୟୁ-୯୫ ବୋମା ବର୍ଷଣକାରୀ ଯୁଦ୍ଧ ବିମାନ ରାତିରେ ଉଡ଼ି ବୋମାମାଡ଼ କରିଥିଲା । ଏହା ପରେ ଘୋଷଣା କରାଯାଇଥିଲା ଯେ, କୃଷ୍ଣସାଗରରୁ କାଳିବର କ୍ରୁଜ୍ କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଛି । ତେବେ ପ୍ରଥମେ କ୍ଷେପଣାସ୍ତ୍ର କେଉଁ ଆଡେ ଯାଉଥିଲା ତାହା ଜଣା ପଡି ନ ଥିଲା । ଏହି ଆକ୍ରମଣରେ ଅଗ୍ନିକାଣ୍ଡ ଘଟି ସାଧାରଣ ନାଗରିକଙ୍କ ଘର ନଷ୍ଟ ହୋଇଯାଇଥିବା ରାଜ୍ୟପାଳ ସିନିହୁବୋଭ ସୂଚନା ଦେଇଛନ୍ତି । ଦୁଇ ଜଣ ଲୋକ ଆହତ ହୋଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସେ କହିଛନ୍ତି । ଖାର୍କିଭ୍ ସହର ରୁଷିଆ ସୀମାଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଅବସ୍ଥିତ । ପ୍ରାୟ ତିନି ବର୍ଷ ଧରି ଚାଲିଆସୁଥିବା ଯୁଦ୍ଧ ସମୟରେ ଏହା କ୍ରମାଗତ ଏୟାର ଷ୍ଟ୍ରାଇକର ସମ୍ମୁଖୀନ ହେଉଛି । ରୁଷିଆ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଭିତରେ ବିଭିନ୍ନ ଅଞ୍ଚଳ ଦଖଲ କରି ନିୟନ୍ତ୍ରଣ ବୃଦ୍ଧି କରିଛି । ଆମେରିକାରେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯଥାସମ୍ଭବ ୟୁକ୍ରେନ ଅଞ୍ଚଳକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ଏହାପୂର୍ବରୁ, ଖାର୍କିଭ୍ ମେୟର ଖ୍ରୀଷ୍ଟମାସ ଅବସରରେ ଘୋଷଣା କରିଥିଲେ ଯେ, ଫେବୃଆରୀ ୨୦୨୨ରେ ରୁଷିଆ। ଆକ୍ରମଣ ପରେ ପ୍ରଥମ ଥର ପାଇଁ ସହରକୁ ଆଲୋକରେ ସଜାଯିବ । କିଛି ଦିନ ପୂର୍ବରୁ, ଡିସେମ୍ବର ୨୦ରେ, ରୁଷିଆ କିଭରେ ପାଞ୍ଚଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଏହି କାରଣରୁ ଏକ ଅଟ୍ଟାଳିକାରେ ନିଆଁ ଲାଗିଯାଇ ଅନେକ ଲୋକ ଆହତ ହୋଇଥିଲେ । ଅନେକ ବିଦେଶୀ ଦୂତାବାସ ମଧ କ୍ଷତିଗ୍ରସ୍ତ ହୋଇଥିଲା ।

# କଂଗ୍ରେସକୁ ଦ୍ୱିତୀୟ ମୁସଲିମ୍ ଲିଗ୍ କହି ବର୍ଷିଲା ବିଜେପି

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ବେଲଗାଭି ଅଧିବେଶନରେ କଂଗ୍ରେସର ପୋଷ୍ଟରକୁ ନେଇ ଘମାସାନ । ଏହି ପୋଷ୍ଟରରେ ଭାରତର ବିକୃତ ମାନଚିତ୍ରକୁ ସ୍ଥାନ ଦିଆଯାଇଥିବା ଦେଖିବାକୁ ମିଳିଛି । ଏଭଳି ପୋଷ୍ଟର ସାମ୍ନାକୁ ଆସିବା ପରେ ପୂରା ଦେଶରେ ରାଜନୈତିକ ମାହୋଲ ଗରମ ହୋଇଛି । ପୋଷ୍ଟରରେ କଂଗ୍ରେସ କାଶ୍ମୀରକୁ ପାକିସ୍ତାନର ଏକ ଅଂଶ ଭାବରେ ଦର୍ଶାଯାଇଛି ବୋଲି ବିଜେପି ଅଭିଯୋଗ କରିଛି । ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲଭିୟା କହିଛନ୍ତି ଯେ କାଶ୍ମୀରରେ ଏକ ପୋଷ୍ଟରେ ପାକିସ୍ତାନର ଏକ ଅଂଶ ବୋଲି ଦର୍ଶାଯାଇଛି। କଂଗ୍ରେସ ଦ୍ୱିତୀୟ ମୁସଲିମ ଲିଗ୍ ବୋଲି ବିଜେପି ନେତା ମାନେ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଦେଶବାସୀଙ୍କ ସମ୍ମୁଖରେ କଂଗ୍ରେସର ଅସଲ ଚେହେରା ସାମ୍ନାକୁ ଆସିଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି । କର୍ଣ୍ଣାଟକର ବେଲାଗାଭି ସମ୍ମିଳନୀର ବ୍ୟାନରରେ ଭାରତ ମାନଚିତ୍ରରୁ ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ଆକସାଇ ଚୀନ୍ ନଥିବା ଦେଖିବାକୁ ମିଳିଛି । ୧୯୨୪ ମସିହାରେ ମହାତ୍ମା ଗାନ୍ଧୀଙ୍କ କଂଗ୍ରେସ ସଭାପତି ପଦ ଗ୍ରହଣ କରିବାର ୧୦୦ ତମ ବାର୍ଷିକୀ ଅବସରରେ କର୍ଣ୍ଣାଟକର ବେଲାଗାଭିରେ କଂଗ୍ରେସ ପାର୍ଟି ସିଡବ୍ଲୁସି ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିଛି । ଏହା କଂଗ୍ରେସର ଜାତୀୟ ବିରୋଧୀ ଚେହେରାକୁ ପ୍ରକାଶ କରିଛି, ଭାରତ ଭାଙ୍ଗିବାକୁ କଂଗ୍ରେସ ସ୍ୱପ୍ନ ଦେଖୁଛି ଦେଖୁଥିବା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି ।

# ‘ଅତିଶୀଙ୍କୁ ଗିରଫ କରିବାକୁ ଚାଲିଛି ଷଡ଼ଯନ୍ତ୍ର’

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ଦିଲ୍ଲୀରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଉତ୍ତେଜନା ବଢିବାରେ ଲାଗିଛି । ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ଦୁଇଟି ଯୋଜନା, ଅର୍ଥାତ ମହିଳା ସମ୍ମାନ ଯୋଜନା ଏବଂ ସଞ୍ଜୀବନୀ ସ୍ୱାସ୍ଥ୍ୟ ଯୋଜନା ସମ୍ବନ୍ଧରେ ପଞ୍ଜୀକରଣ ପ୍ରସଙ୍ଗରେ ଦିଆଯାଇଥିବା ପରାମର୍ଶ ଯୋଗୁଁ ଏକ ନୂତନ ବିବାଦ ଉପୁଜିଛି । ଏହାରି ଭିତରେ ଅରବିନ୍ଦ କେଜ୍ରିୱାଲ ସିଏମ୍ ଅତିଶୀଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ କରି ସିଏମ୍ ଅତିଶୀଙ୍କୁ ଗିରଫ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଦାବି କରିଛନ୍ତି । ସୂଚନାଥାଉକି, ଆପର ଯୋଜନାକୁ ନେଇ ବିବାଦ ମଧ୍ୟରେ ଅରବିନ୍ଦ କେଜ୍ରିୱାଲ ଦାବି କରିଛନ୍ତି ଯେ ଅତିଶୀଙ୍କୁ ଗିରଫ କରିବା ପାଇଁ ପରିବହନ ବିଭାଗରେ ଏକ ନକଲି ମାମଲା ପ୍ରସ୍ତୁତ କରାଯାଉଛି । ଏହା ପରେ ସିବିଆଇ କିମ୍ବା ଇଡି ମାଧ୍ୟମରେ ଅତିଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଆମ୍ ଆଦମୀ ପାର୍ଟି ଏକ ବଡ଼ ଦାବି କରି କହିଛି ଯେ ସିବିଆଇ-ଇଡି ଏବଂ ଇନକମ ଟ୍ୟାକ୍ସକୁ ଦିଲ୍ଲୀ ସିଏମ ଅତିଶୀଙ୍କୁ ଗିରଫ କରିପାରେ । କେଜ୍ରିୱାଲ କହିଛନ୍ତି ଯେ ଆମ ସୂତ୍ରରୁ ଆମେ ଜାଣିଛୁ ଯେ ପରିବହନ ବିଭାଗରେ ଅତିଶୀଙ୍କ ବିରୋଧରେ ଏକ ନକଲି ମାମଲା ରୁଜୁ ହୋଇଛି । କେଜ୍ରିୱାଲ କହିଛନ୍ତି ଯେ ତାଙ୍କ ଏବଂ ଅନ୍ୟ ଆପ୍ ନେତାଙ୍କ ଘରେ ଚାଉ କରାଯାଇପାରେ । ଏହି କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି ଆମ୍ ଆଦମୀ ପାର୍ଟିର ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା । ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଦିଲ୍ଲୀର ଲୋକଙ୍କ ବିରୋଧରେ ବିଜେପି କିପରି ଷଡ଼ଯନ୍ତ୍ର କରିଛି ତାହା ଆମେ ଜାଣୁ । ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ମାଧ୍ୟମରେ ଦିଲ୍ଲୀ ସରକାରଙ୍କ କାର୍ଯ୍ୟକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଛି । ଯେତେବେଳେ ଆପ୍ ସରକାରକୁ ରୋକିବା ପାଇଁ ବିଜେପିର ସମସ୍ତ ଷଡ଼ଯନ୍ତ୍ର ବିଫଳ ହେଲା, ସେତେବେଳେ ସେମାନେ ଦଳର ବରିଷ୍ଠ ନେତୃତ୍ୱଙ୍କୁ ଗିରଫ କରିବା ଆରମ୍ଭ କଲେ । କେଜ୍ରିୱାଲ କହିଛନ୍ତି ଯେ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ସତ୍ୟେନ୍ଦ୍ର ଜୈନ ଏବଂ ମନୀଷ ସିସୋଦିଆଙ୍କୁ ଗିରଫ କରିଛନ୍ତି। ଏହା ସତ୍ତ୍ୱେ ସେମାନେ ଆପ୍ ସରକାରଙ୍କ କାର୍ଯ୍ୟକୁ ବନ୍ଦ କରି ପାରିନଥିଲେ । ଏହାରି ଭିତରେ ସିଏମ୍ ଅତିଶୀ ମଧ ବିଜେପି ବିରୋଧରେ ବଡ଼ ଅଭିଯୋଗ ଆଣି ତାଙ୍କ ଗିରଫଦାରୀକୁ ଦେଖାଇଦେଇଛନ୍ତି । ପରିବହନ ବିଭାଗ ସହ ଜଡ଼ିତ ମୋ ବିରୋଧରେ ଏକ ଜାଲ୍ ମାମଲା ରୁଜୁ ହୋଇଛି ବୋଲି ସିଏମ୍ ଆତିଶୀ କହିଛନ୍ତି । ଏହାର ପରିଣାମକୁ ସାମ୍ନା କରିବାକୁ ମୁଁ ପ୍ରସ୍ତୁତ ଅଛି। ମୁଁ ଆଇନ ଉପରେ ବିଶ୍ୱାସ ରଖିଛି । ମୋର ବିଶ୍ୱାସ ଅଛି ଯେ ଯଦି ମୋତେ ଗିରଫ କରାଯାଏ ତେବେ ମୁଁ ଜାମିନ ପାଇବି । ବିଜେପି ଦିଲ୍ଲୀର କାମ ବନ୍ଦ କରିବାକୁ ଚାହୁଁଛି, କିନ୍ତୁ ଦିଲ୍ଲୀର ଲୋକମାନେ ଆପଣଙ୍କ ଏଜେଣ୍ଡା ବିଷୟରେ ଅବଗତ ଅଛନ୍ତି ଏବଂ ଏହାର ଜବାବ ମଧ ଦେବେ ବୋଲି କହିଛନ୍ତି ଅତିଶୀ ।





### ଜେଲେନସ୍କିଙ୍କ ବଡ଼ ଦାବି

# ଋଷ ତରଫରୁ ଲଢୁଥିବା ଉତ୍ତରକୋରିଆର ୩ ହଜାର ସୈନ୍ୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ଋଷ ଓ ୟୁକ୍ରେନ ମଧ୍ୟରେ ପାଖାପାଖି ୩୪ ମାସ ହେବ ଲଗାତର ଯୁଦ୍ଧ ଲାଗି ରହିଛି । ଏହାରି ଭିତରେ ଉଭୟ ଦେଶର ହଜାର ହଜାର ସୈନ୍ୟଙ୍କ ମୃତ୍ୟୁ ହେବା ସହ ହଜାର ହଜାର କୋଟି ଟଙ୍କାର ଜାତୀୟ ଓ ଘରୋଇ ସମ୍ପତ୍ତି ନଷ୍ଟ ହୋଇଛି । ହେଲେ ଯୁଦ୍ଧରେ ଏବେ ଋଷ ଉପରେ ୟୁକ୍ରେନ ଭାରି ପଡିବା ଭଳି ଲାଗୁଛି । ରକେଟ ଆକ୍ରମଣ କରି ୟୁକ୍ରେନ ଯେଭଳି ଭାବେ ଋଷର ବଡ଼ ବଡ଼ କୋଠାକୁ ଧ୍ୱଂସ କରିଦେଲା ସେଥିରୁ ଅନୁମାନ କରାଯାଇପାରେ ଯେ, ନାଟୋ ଓ ଅନ୍ୟ କିଛି ଦେଶ ୟୁକ୍ରେନକୁ ସହାୟତାରେ କରିବାରେ ଲାଗିଛନ୍ତି । ହେଲେ ଏବେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କିଙ୍କ ବୟାନ ପୁଣି ଏକ ନୂଆ ଯୁଦ୍ଧକୁ ଜନ୍ମ ଦେଇଛି । ଜେଲେନସ୍କି ତାଙ୍କ ବୟାନରେ କହିଛନ୍ତି କି, ଋଷ ତରଫରୁ ଯୁଦ୍ଧ ଲଢୁଥିବା ଉତ୍ତରକୋରିଆରର ସେନାଙ୍କ ମଧ୍ୟରୁ ୩ ହଜାର ସୈନିକଙ୍କର ମୃତ୍ୟୁ ହୋଇଛି । ଜେଲେନସ୍କି ଆଶା କରିଛନ୍ତି କି, ଏବେ ପୁଣି ଉତ୍ତରକୋରିଆ ଋଷକୁ କିଛି ସେନା ଓ ଯୁଦ୍ଧାସ୍ତ୍ର ପଠାଇପାରେ । ଜେଲେନସ୍କି କହିଛନ୍ତି କି, ଯେଭଳି ଭାବେ ଉତ୍ତରକୋରିଆ ଋଷକୁ ସହାୟତା କରୁଛି ତାହା ସାରା ବିଶ୍ୱ ଦେଖୁଛି । ହେଲେ ଦକ୍ଷିଣ କୋରିଆ ସେନା କହିଛି କି ଏହା ସ୍ପଷ୍ଟ ସଂକେତ ଦେଉଛି କି, ଉତ୍ତରକୋରିଆ ସୁଇସାଇଡ ଡ୍ରୋନ ସହିତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ସୈନିକ ଋଷକୁ ପଠାଇବାର ବନ୍ଦୋବସ୍ତ କରୁଛି ।



# ସିଡବ୍ଲୁସି ଅଧିବେଶନରେ ଭାରତର ଭୁଲ ମାନଚିତ୍ର

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** କର୍ଣ୍ଣାଟକର ବେଲଗାଭିରେ କଂଗ୍ରେସ ୱାର୍କିଂ କମିଟି(ସିଡବ୍ଲୁସି) ବୈଠକ ହେବାକୁ ଯାଉଛି । ଏହା ପୂର୍ବରୁ ସେଠାର ନେତାଙ୍କ ସ୍ୱାଗତରେ ପୋଷ୍ଟ ଓ ବ୍ୟାନ୍ ଲଗାଯାଇଛି, ଯାହାକୁ ନେଇ ଆରମ୍ଭ ହୋଇଛି ବିବାଦ । ଅଭିଯୋଗ ରହିଛି ଯେ, ପାର୍ଟିର କର୍ମୀମାନେ ବ୍ୟାନର ଓ ଫ୍ଲେକ୍ସରେ ଭାରତର ମାନଚିତ୍ରକୁ ବିକୃତ ଭାବରେ ପ୍ରସ୍ତୁତ କରିଛି । ବେଲଗାଭି ସହରର ପ୍ରବେଶ ପ୍ରଥରେ ଲଗାଯାଇଥିବା ଏହି ବ୍ୟାନରରେ ଭାରତର ମାନଚିତ୍ର ରହିଛି । ସେଥିରେ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ଅକ୍ସାଇ ଚୀନର କ୍ଷେତ୍ରକୁ ଗାଏବ୍ କରି ଦିଆଯାଇଛି । ବିଜେପି ଏହି ମାମଲାରେ କଡା ଜବାବ୍ ଦେଇଛି ଓ କଂଗ୍ରେସକୁ ନୂତନ ମୁସଲିମ୍ ଲିଗ୍ ଘୋଷଣା କରିଛି । ଉଲ୍ଲେଖନୀୟ ଯେ, ସିଡବ୍ଲୁସି ୨୬ ଓ ୨୭ ଡିସେମ୍ବରରେ ବେଲଗାଭିରେ ବୈଠକ ହେବାକୁ ଯାଉଛି । କଂଗ୍ରେସ ପାର୍ଟି ଚଳିତ ବର୍ଷ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ଅଧିବେଶନର ଶତାବ୍ଦୀ ବର୍ଷ ଭାବରେ ମନେକରାଯାଏ । ଏହାର ସ୍ଥାପନା ୧୯୨୪ରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କାଙ୍କ ସହ ଦଳର ସବୁ ବଡ଼ ନେତା ଯୋଗ ଦେଇପାରନ୍ତି । ବିଜେପି ପକ୍ଷରୁ କଂଗ୍ରେସ ଉପରେ ଭାରତର ମାନଚିତ୍ରକୁ ବିକୃତ କରିବାର ଅଭିଯୋଗ ରହିଛି ।

# ଇସିଆଇ ଜାରି କଲା ନିର୍ବାଚନୀ ଡାଟାସେଟ୍

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ୨୦୨୪ ରେ ଦେଶରେ ଲୋକସଭା ନିର୍ବାଚନ ଓ ୪ ରାଜ୍ୟର ନିର୍ବାଚନ ସଫଳତାର ସହ କରାଯାଇଛି । ଏହି ସମୟରେ ଲୋକମାନେ ଖୁବ୍ ଉତ୍ସାହର ସହ ଭୋଟ ଦେଇଥିଲେ । ଏହା ସହ ସୃଷ୍ଟି ହୋଇଛି ରେକର୍ଡ । ଏବେ ନିର୍ବାଚନ କମିଶନ୍ ଏନେଇ ଏକ ରିପୋର୍ଟ ଦେଇଛନ୍ତି । ପାରଦର୍ଶିତା ଓ ରିସର୍ଚ୍ଚକୁ ପ୍ରୋତ୍ସାହନଦେବା ଉଦ୍ଦେଶ୍ୟରେ ଇସିଆଇ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରି ୨୦୨୪ ଲୋକସଭା ନିର୍ବାଚନରେ ୪୨ ଷ୍ଟାଟିକାଲ ରିପୋର୍ଟ ଓ ୪ ରାଜ୍ୟର ବିଧାନସଭା ନିର୍ବାଚନ ଉପରେ ୧୪-୧୪ ରିପୋର୍ଟ ଦେଇଛନ୍ତି । ଏହା ଦୁନିଆର ସବୁଠାରୁ ବଡ ନିର୍ବାଚନୀ ଡାଟାବେସ୍। ନିର୍ବାଚନ କମିଶନ୍ ଏହି ରିପୋର୍ଟରେ ନିର୍ବାଚନ କ୍ଷେତ୍ର, ମତଦାତା ଓ ମତଦାନ କେନ୍ଦ୍ରର ସଂଖ୍ୟା, ପାର୍ଟିର ଭୋଟ ସେୟାର, ମହିଳା ମତଦାତାଙ୍କ ଭାଗିଦାରୀ, ଆଞ୍ଚଳିକ ବିବିଧତା, ନିର୍ବାଚନ କ୍ଷେତ୍ର। ସହିତ ସବୁ ଜିନିଷର ବିବରଣୀ ମିଳିଥାଏ । ନିର୍ବାଚନ କମିଶନ୍ କହିଛନ୍ତି, ଏହି ରିପୋର୍ଟରେ ଦୁନିଆ ସାରାର ଶିକ୍ଷାବିତ, ରିସର୍ଚ୍ଚର ଓ ନିର୍ବାଚନ ପର୍ଯ୍ୟବେକ୍ଷକ ପାଇଁ ବିଶ୍ଳେଷଣ ଓ ନୀତି ନିର୍ମାଣ ପାଇଁ ଏକ ଭଣ୍ଡାର ଭଳି । ଇସିଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି, ଏହା ବିସ୍ତୃତ ଡାଟା ସେଟ୍ କମିଶନର ୱେବସାଇଟରେ ପୂର୍ବରୁ ହିଁ ଥିବା ନିର୍ବାଚନୀ ଡାଟା ତୁଳନାରେ ଓ ଭଲ ଭାବରେ ବିଶ୍ଳେଷଣ ପ୍ରଦାନ କରିଥାଏ ।’ମିଳିଥିବା ସୂଚନା ଅନୁସାରେ, ଲୋକସଭା ନିର୍ବାଚନ ବେଳେ ୬୪.୬୪ କୋଟି ମତଦାତା ଭୋଟିଂ କରି ବିଶ୍ୱ ରେକର୍ଡ କରିଛି । ସେଭଳି ୨୦୧୯ ରେ ୮,୦୫୪ ପ୍ରାର୍ଥୀ ଏଥର ନିର୍ବାଚନ ମଇଦାନରେ ଓହ୍ଲାଇଥିଲେ । ୨୦୧୯ ରେ ୭୨୬ ତୁଳନାରେ ଏଥର ୮୦୦ ମହିଳା ପ୍ରାର୍ଥୀ ଦାବିଦାର ଥ । ରିପୋର୍ଟ ଅନୁସାରେ, ଏହା ମଧ କୁହାଯାଇଛି ଯେ ମହିଳା ଭୋଟର୍ସ ପୁରୁଷଙ୍କ ତୁଳନାରେ ଅଧିକ ସକ୍ରିୟ ରହିଛି । ୨୦୧୪ ରେ ୬୫.୭୮ ପ୍ରତିଶତ ମହିଳା ମତଦାତା ଭୋଟ୍ ଦେଇଛନ୍ତି । ସେଭଳି ୬୫.୫୫ ପ୍ରତିଶତ ପୁରୁଷ ମତଦାତା ନିଜର ମତାଧିକାରର ପ୍ରୟୋଗ କରିଛି ।

# ୬୫ ନୂଆ ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କଲେ ଏନ୍‌ପିପିଏ

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ନ୍ୟାଶନାଲ ଫାର୍ମାସିଟିକାଲ ଅଥରିଟି (ଏନ୍ପିପିଏ) ୬୫ ନୂଆ ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ସେହିଭଳି ୨୦ ଫର୍ମୁଲେସନର ମୂଲ୍ୟ ସୀମା ମଧ ନିର୍ଦ୍ଧାରଣ ହୋଇଛି । ପାଇକାରୀ ମୂଲ୍ୟ ସୂଚକାଙ୍କକୁ ନଜରରେ ରଖି ଅନ୍ୟ ଔଷଧର ସିଲିଂ ମୂଲ୍ୟରେ ମଧ ପରିବର୍ତ୍ତନ କରାଯାଇଛି । ନିକଟରେ ଅନୁଷ୍ଠିତ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟାଇପ ୨ ଡାଇବେଟିସ, ଉଚ୍ଚ କଲେଷ୍ଟ୍ରଲ, ବ୍ୟାକ୍ଟେରିଆ। ସଂକ୍ରମଣ, ପେନ୍କିଲର ଭଳି ମେଡିସନ ଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ଟିଟାନସ, ରାବିଜ, ମିଲିମିଲା ଭଳି ମେଡିସିନ ଗୁଡିକର ମୂଲ୍ୟ ସୀମାରେ ପରିବର୍ତ୍ତନ ହୋଇଛି । ବଜାର ସ୍ଥିତିକୁ ନଜରରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ପରିବର୍ତ୍ତନ କରିଥାଏ ଏନ୍ପିପିଏ । ଉଚ୍ଚ କଲେଷ୍ଟ୍ରଲ ପାଇଁ ବ୍ୟବହାର ହେଉଥିବା ଫିକ୍ସଡ କମ୍ବିନେସ ଡ୍ରଗ (ଏଫ୍‌ଡି) ଆଟୋଭାଷ୍ଟାନିନ ଏବଂ ଏଜେଟିମାଇବ ଭଳି ମେଡିସିନର ମୂଲ୍ୟ ନିର୍ଦ୍ଧାରଣ ହୋଇଛି । ସେହିଭଳି ଏହି ତାଲିକାରେ ବ୍ୟାଟେକ୍ଟରିଆ ସଂକ୍ରମଣ କ୍ଷେତ୍ରରେ ସିନୁସାଇଟିସ, ଗ୍ଲାଇକ୍ଲାଡାଇଜ, ଟାଇପ ୨ ଡାଇବେଟିସ ଲାଗି ବ୍ୟବହାର ହେଉଥିବା ମେଟ୍ଫୋରମିନ ହାଇଡ୍ରୋକ୍ଲୋରାଇଡ ଏବଂ ଭିଟାମିନ ଡି୩ ଟାବଲେଟ ରହିଛି ।

# ୪ ଅର୍ଦ୍ଧଶତକ ସହ ଅଷ୍ଟ୍ରେଲିଆ ୬/୩୧୧








ମେଲବୋର୍ଣ୍ଣ,୨୬।୧୨(ଏଜେନ୍ସି): ଐତିହାସିକ ମେଲବର୍ଣ୍ଣ ପଡ଼ିଆରେ ଆଜିଠାରୁ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହୋଇଛି।ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆର ଦୃଢ଼ ସ୍ଥିତିରେ ଥିଲେ ହେଁ ଭାରତ ଶେଷ ଭାଗରେ କମବ୍ୟାକ କରିଛି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା କଙ୍ଗାରୁ ଟିମ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩୧୧ ରନ କରି ନେଇଛି।

ଦଳର ଟପ୍ ୪ ବ୍ୟାଟର ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ତେବେ ପ୍ରଥମ ଦିନରେ ଭାରତ କିଛି ମାତ୍ରାରେ କମବ୍ୟାକ କରିବାକୁ ସକ୍ଷମ ହୋଇଛି। ଶେଷ ଅଧିବେଶନରେ ଭାରତ ୪ ୱିକେଟ ଦଖଲ କରିଛି ପୂର୍ବ ୨ଟି ସେସନ୍ସରେ ଭାରତକୁ ମାତ୍ର ୨ଟି ୱିକେଟ ମିଳିଥିଲା। ଏହାର ଅର୍ଥ ପ୍ରଥମ ଦିନରେ ଭାରତ ମୋଟ ୬ଟି ୱିକେଟ ପାଇଛି।

ମେଲବର୍ଣ୍ଣରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ପାଇଁ ୧୯ ବର୍ଷୀୟ ଡେବ୍ୟୁଟାଣ୍ଟ ସାମ କୋନଷ୍ଟାସ ଦମଦାର ଆରମ୍ଭ କରିଥିଲେ। ସେ ସିରିଜ ସବୁଠାରୁ ସଫଳ ତଥା ବିଶ୍ୱର ୧ନଂ ଟେଷ୍ଟ ବୋଲର ଯଶପ୍ରୀତ ବୁମରାଙ୍କ ଲାଇନ ବିଗାଡ଼ି ଦେଇଥିଲେ। ତାଙ୍କୁ ସ୍କୁପ ଦ୍ୱାରା ଚୌକା ଓ ଛକା ମାରି ନିଜ ଜଲୱାର ପରିଚୟ ଦେଇଥିଲେ।

ଏଥିସହ ଡେବ୍ୟୁ ମ୍ୟାଚ୍‌ରେ ମଧ୍ୟ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ଅଭିଜ୍ଞ ଉସମାନ ଖ୍ୱାଜା ମଧ୍ୟ ଭରପୂର ସାଥ ଦେଇଥିଲେ। ତେବେ ଦଳୀୟ ସ୍କୋର ୮୯ ଥିବା ବେଳେ ବ୍ୟକ୍ତିଗତ ୬୦ ନ କରି କୋନଷ୍ଟାସ ଆଉଟ ହୋଇଯାଇଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ କରିଛନ୍ତି।କୋନଷ୍ଟାସ ତାଙ୍କ ଇନିଂସରେ ୬ଟି ଚୌକା ଓ ୨ଟି ଛକା ମାରିଥିଲେ।

୩ନଂରେ ବ୍ୟାଟିଂ କରିବାକୁ ଆସିଥିବା ମାର୍ନସ ଲାବୁଶେନଙ୍କୁ ସାଥୀ କରି ଖାୱାଜା ଲଞ୍ଚ ବ୍ରେକ ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଲଞ୍ଚ ସୁଦ୍ଧା ଅଷ୍ଟ୍ରେଲିଆ ଗୋଟିଏ ୱିକେଟ ହରାଇ ୧୧୨ ରନ କରି ନେଇଥିଲା। ଲଞ୍ଚ ପରେ ମଧ୍ୟ ଖାୱାଜା ଦମଦମାର ବ୍ୟାଟିଂ କରି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ଦଳୀୟ ସ୍କୋର ୧୫୪ ଥିବା ବେଳେ ସେ ବ୍ୟକ୍ତିଗତ ଭାବେ ୫୭ ରନ କରି ବୁମରାଙ୍କ ବଲରେ ଆଉଟ ହୋଇଥିଲେ।

ଲାବୁଶେନ ଓ ଷ୍ଟିଭ ସ୍ମିଥ ଟି ବ୍ରେକ ଯାଏ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୧୭୬ ରନରେ ପହଞ୍ଚାଇ ଦେଇଥିଲେ। ବ୍ରେକରୁ ଫେରିବା ପରେ ଲାବୁଶେନ ଅର୍ଦ୍ଧଶତକ ହାସଲ କରିବା ସହ ଦଳୀୟ ସ୍କୋରକୁ ୨୦୦ ପାର କରାଇ ଦେଇଥିଲେ। କିନ୍ତୁ ୬୬ତମ ଓଭରର ପ୍ରଥମ ବଲରେ ସେ ୱାଶିଂଟନ ସୁନ୍ଦରଙ୍କୁ ବଡ଼ ଶଟ ମାରିବାକୁ ଯାଇ ବିରାଟ କୋହଲିଙ୍କ ହାତରେ ଧରା ପଡ଼ିଯାଇଥିଲେ। ଲାବୁଶେନ ୭୨ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୨୩୭ରେ ତୃତୀୟ ୱିକେଟ ହରାଇଥିଲା।

ଆଡିଲେଡ ଓ ଗାବାରେ ଶତକ ମାରି ଭାରତକୁ ଘାଇଲା କରିଥିବା ଟ୍ରାଭିସ ହେଡ୍ ଆଜିଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ତାଙ୍କୁ ବୁମରା ଚମତ୍କାର ଢଙ୍ଗରେ ବୋଲ୍ଡ କରି ଦେଇଥିଲେ ।ମିଚେଲ ମାର୍ଶ ମଧ୍ୟ କେବଳ ୪ ରନ କରିବାକୁ ସକ୍ଷମ ହୋଇଛନ୍ତି।ବୁମରାଙ୍କ ଡବଲ ଝଟକା ଯୋଗୁ ଅଷ୍ଟ୍ରେଲିଆ। ସାମାନ୍ୟ ବ୍ୟାକଫୁଟକୁ ଚାଲି ଯାଇଥିଲା ଦଳ ୨୪୬ ରନରେ ୫ଟି ୱିକେଟ ହରାଇଥିଲା।

ଏତିକିବେଳେ ଅଭିଜ୍ଞ ସ୍ମିଥ ଓ ଆଲେକ୍ସ କେରୀ ସ୍ଥିତି ସମ୍ଭାଳିଥିଲେ। ଉଭୟ ଦଳୀୟ ସ୍କୋରକୁ ୨୪୬ ରନରୁ ନେଇ ୨୯୯ ରନରେ ପହଞ୍ଚାଇ ଦେଇଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ୮୧ ତମ ଓଭର ପରେ ଭାରତ ନୂଆ। ବଲ ନେଇଥିଲା।ଏହାକୁ ଆକାଶ ଦୀପ ସଠିକ ସାବ୍ୟସ୍ତ କରି ୮୩ତମ ଓଭରର ପ୍ରଥମ ବଲରେ କେରୀ(୩୧)ଙ୍କୁ ଆଉଟ କରି ଦେଇଥିଲେ। କିନ୍ତୁ ଏହାପରେ ଅର୍ଦ୍ଧଶତକ ହାସଲ କରି ସାରିଥିବା ସ୍ମିଥ ଓ ଅଧିନାୟକ ପାଟ କମିନ୍ସ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ୮୬ ଓଭର ଯାଏ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୩୧୧ ରନରେ ପହଞ୍ଚାଇ ଦେଇଥିଲେ। ଷ୍ଟମ୍ପ ଅପସାରଣ ହେବା ବେଳକୁ ସ୍ମିଥ ୬୮ ଓ କମିନ୍ସ ୮ ରନ କରି ଅପରାଜିତ ରହିଛନ୍ତି। ଆସନ୍ତାକାଲି ଉଭୟ ପୁଣି ଅଷ୍ଟ୍ରେଲିଆର ସ୍କୋରକୁ ଆଗକୁ ନେବାକୁ ଚେଷ୍ଟା କରିବେ।

# ୯୨ ବର୍ଷରେ ସବୁଠାରୁ କନିଷ୍ଠ

ନୂଆଦିଲ୍ଲୀ,୨୬।୧୨: ଅଷ୍ଟ୍ରେଲିଆର ୧୯ ବର୍ଷୀୟ ଓପନର ସାମ କୋନଷ୍ଟାସ ପ୍ରଥମ ଟେଷ୍ଟରେ ହିଁ ସମସ୍ତଙ୍କୁ ପ୍ରଭାବିତ କରି ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଛନ୍ତି ବକ୍ସିଂ ଡେ ଟେଷ୍ଟରେ ସେ ଭାରତର ଯଶପ୍ରୀତ ବୁମରା ଆଣ୍ଡ କୋ ବିପକ୍ଷରେ ଦମଦାର ଇନିଂସ ଖେଳିଛନ୍ତି କୋନଷ୍ଟାସ ଆରମ୍ଭରୁ ଆଟାକିଂ ଖେଳ ପ୍ରଦର୍ଶନ କରିବା ସହ ବୁମରାଙ୍କୁ ୨ଟି ଛକା ମଧ୍ୟ ମାରିଛନ୍ତି। ସେ ୬୫ ବଲରେ ୬୦ ରନ କରିବା ପରେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ଆଉଟ ହୋଇଥିଲେ। ଏହି ଇନିଂସ ପରେ କୋନଷ୍ଟାସ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଅଷ୍ଟ୍ରେଲିଆର ସର୍ବକନିଷ୍ଠ କ୍ରିକେଟର ଭାବେ ଭାରତ ବିପକ୍ଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି।

କୋନଷ୍ଟାସ ୧୯ ବର୍ଷ ଓ ୮୫ ଦିନ ବୟସରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ବିପକ୍ଷରେ ଡେବ୍ୟୁ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ତାଙ୍କ ପୂର୍ବରୁ ଭାରତ ବିପକ୍ଷ ଟେଷ୍ଟ ଡେବ୍ୟୁରେ କେହି ବି ଏମିତି କରି ନଥିଲେ।

ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍ ୧୯୩୨ ରେ ଖେଳିଥିଲା ତେଣୁ ୯୨ ବର୍ଷ ମଧ୍ୟରେ କୋନଷ୍ଟାସ ପ୍ରଥମ ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ବିପକ୍ଷରେ ଡେବ୍ୟୁରେ ଅର୍ଦ୍ଧଶତକ ମାରି ପାରିଛନ୍ତି ସେହିପରି କୋନଷ୍ଟାସ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟରେ ଅର୍ଦ୍ଧଶତକ କରିଛନ୍ତି।ତାଙ୍କ ଉପରେ ଇଆନ କ୍ରେଗ ରହିଛନ୍ତି ସେ ୧୭ ବର୍ଷ ଓ ୨୪୦ ଦିନରେ ଅଷ୍ଟ୍ରେଲିଆ। ପାଇଁ କୌଣସି ଟେଷ୍ଟରେ ୫୦ କିମ୍ବା ତା ଠାରୁ ଅଧିକ ରନ କରିଥିଲେ।



ଭାରତ ବିପକ୍ଷରେ ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବେ କୌଣସି ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି ଏହି ତାଲିକାରେ ପାକିସ୍ତାନର ମୁସ୍ତାକ ମହମ୍ମଦ ଓ ଶାହିଦ ଆଫ୍ରିଦି ରହିଛନ୍ତି କୋନଷ୍ଟାସଙ୍କ ତୁଳନାରେ ଆଫ୍ରିଦି ଓ ମହମ୍ମଦ ଆହୁରି କମ ବୟସରେ ଭାରତ ବିପକ୍ଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଥିଲେ କିନ୍ତୁ କୋନଷ୍ଟାସ ଡେବ୍ୟୁ ମ୍ୟାଚ୍‌ରେ ଏପରି ରେକର୍ଡର ଅଧିକାର ହେବା ବେଶ ସ୍ୱତନ୍ତ୍ର। କୋନଷ୍ଟାସ ଡେବ୍ୟୁ କରିବା ପୂର୍ବରୁ ବୁମରାଙ୍କୁ କେମିତି ସାମ୍ନା କରିବେ, ତାର ସ୍ୱତନ୍ତ୍ର ରଣନୀତି କରି ଅସିଥିଲେ। ସେ ଆରମ୍ଭରୁ ବୁମରାଙ୍କ ଲେନ୍ଥକୁ ଆକଳନ କରିଥିଲେ। ହେଲେ ୭ମ ଓଭରରେ ବୁମରାଙ୍କ ଠାରୁ ଗୋଟିଏ ଛକା ଓ ୨ଟି ଚୌକା ବଲରେ ୧୪ ରନ ଆଦାୟ କରିଥିଲେ।

# ଖ୍ରୀଷ୍ଟମାସ ପାଳନ କଲେ ଧୋନି



ରାଞ୍ଚି,୨୬।୧୨: ଲମ୍ବା ଦାଢ଼ି ଦେହରେ ନାଲି ପୋଷାକ ଓ ମୁହଁ ଚଷମା ପୁଣି ନୂଆ। ଲୁକ୍‌ରେ କ୍ୟାପଟେନ୍ କୁଲ୍ ଧୋନି। ବଡ଼ ଦିନରେ ଦେଲେ ବଡ଼ ସରପ୍ରାଇଜ। ଖ୍ରୀଷ୍ଟମାସ ଅବସରରେ ସାଣ୍ଟା ବେଶରେ ଆସି ସମସ୍ତଙ୍କୁ କଲେ। ଚକିତ ନିଜ ପରିବାର ସହ ସାଣ୍ଟାକ୍ଲଜ ସାଜି ପାଳନ କଲେ। ବଡ଼ଦିନ ଧୋନିଙ୍କ ଏହି ନୂଆ। ଲୁକ୍‌ର ଫଟୋ ଏବେ ଇଣ୍ଟରନେଟ୍‌ରେ ନିଆଁ ଲଗାଇ ଦେଇଛି। ଭାଇରାଲ ହେବାରେ ଲାଗିଛି ତାଙ୍କର ଏହି ଫଟୋ।

ଧୋନି ପାଞ୍ଚ ବର୍ଷରୁ ଅଧିକ ସମୟ ହେବ ଆନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇସାରିଛନ୍ତି।ସେ ପ୍ରାୟତଃ ନିଜ ପରିବାର ସହିତ ଅଧିକାଂଶ ସମୟ ବିତାନ୍ତି। ଏଥର ମଧ୍ୟ ସେ ନିଜ ପରିବାର ସହ ବେଶ୍ ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ ପାଳନ କରିଛନ୍ତି। ଏହାର ଫଟୋକୁ ତାଙ୍କ ପତ୍ନୀ ସାକ୍ଷୀ ଧୋନି ସୋଶାଲ ମିଡିଆରେ ସେୟାର କରିଛନ୍ତି।

ସାମ୍ନାକୁ ଆସିଥିବା ଫଟୋରେ ଭାରତର ପୂର୍ବତନ ଅଧିନାୟକ ତାଙ୍କ ଝିଅ ଜିଭାଙ୍କ ସହିତ ଏକ ସାଣ୍ଟା କ୍ଲଜ୍ ପୋଷାକରେ ଲୁଚି ରହିଥିବା ଦେଖିବାକୁ ମିଳିଛି ଧୋନି ପିନ୍ଧିଥିବା ସାଣ୍ଟା ଟୋପିରେ ମିଷ୍ଟର ମାହି ଲେଖା ରହିଛି। ଏହି ଫଟୋ ପୋଷ୍ଟ ହେବାର ମାତ୍ର ଦୁଇ ଘଣ୍ଟା ଭିତରେ ଏହା ଭାଇରାଲ ହୋଇଛି। ଧୋନିଙ୍କ ଏହି ଖ୍ରୀଷ୍ଟମାସ ଉତ୍ସବରେ ପରିବାର ବ୍ୟତୀତ ଅଭିନେତ୍ରୀ କ୍ରିତି ସାନନ ଓ ତାଙ୍କର କିଛି ସାଙ୍ଗସାଥୀ ମଧ୍ୟ ସାମିଲ ଥିଲେ।

ଆନ୍ତର୍ଜାତୀୟ କ୍ରିକେଟ୍ ଛାଡିବା ସତ୍ତ୍ୱେ ଧୋନିଙ୍କ କ୍ରେଜ କମିନି ସେ ଭାରତର ସବୁଠାରୁ ଲୋକପ୍ରିୟ କ୍ରୀଡା ଆଇକନ୍ ପ୍ରାୟତଃ ଧୋନି ନିଜର ନୂଆ ନୂଆ ହେୟାର ଷ୍ଟାଇଲ୍‌କୁ ନେଇ ଚର୍ଚ୍ଚାରେ ରୁହନ୍ତି ଧୋନି। ଏବେ କେବଳ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳୁଛନ୍ତି। ଯେଉଁଠାରେ ସେ ଚେନ୍ନାଇ ସୁପର କିଙ୍ଗ୍ସକୁ ପ୍ରତିନିଧିତ୍ୱ କରୁଛନ୍ତି।

# କୋହଲିଙ୍କ ମ୍ୟାଚ୍ ଫି ୨୦% କଟିଲା

ମେଲବୋର୍ଣ୍ଣ,୨୬।୧୨: ଆଇସିସିର ବଡ଼ କାର୍ଯ୍ୟାନୁଷ୍ଠାନରୁ ଅଳ୍ପକେ ବର୍ତ୍ତିଛନ୍ତି ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି। ସେ ପଡ଼ିଆ ମଝିରେ ଯେଉଁ ଭଳି କାଣ୍ଡ ଭିଆଇଥିଲେ। ତାଙ୍କୁ ଆଇସିସି ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରିବାର ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଆଇସିସି ବିରାଟଙ୍କ ମ୍ୟାଚ୍ ଫିକୁ ୨୦% କାଟ କରି ତାଙ୍କୁ ଚେତାବନୀ ଦେଇ ଛାଡ଼ି ଦେଇଛି।

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମେଲବର୍ଣ୍ଣରେ ଚାଲିଥିବା ବକ୍ସିଂ ଡେ ଟେଷ୍ଟରେ ଘଟିଛି। ୪ର୍ଥ ମ୍ୟାଚ୍‌ର ପ୍ରଥମ ଦିନର ପ୍ରଥମ ସେସନ୍ସରେ ବିରାଟ କୋହଲି ନିଜରେ ଆଗ୍ରେସନ ଦେଖାଇ ଅଷ୍ଟ୍ରେଲିଆ। ପାଇଁ ମାତ୍ର ୧୯ ବର୍ଷ ବୟସରେ ଡେବ୍ୟୁ କରିଥିବା ସାମ କୋନଷ୍ଟାସଙ୍କୁ ଜାଣିଶୁଣି କାନ୍ଧରେ ଧକ୍କା ମାରିଥିଲେ। ଏହାକୁ ନେଇ ପଡ଼ିଆ ମଧ୍ୟରେ ବେଶ ଡ୍ରାମା ଦେଖିବାକୁ ମିଳିଥିଲା।

ବିରାଟଙ୍କ ଭଳି ଜଣେ ସିନିୟର ଖେଳାଳି କୋନଷ୍ଟାସଙ୍କ ଭଳି ଜଣେ ଡେବ୍ୟୁଟାଣ୍ଟ ପ୍ରତି ଏପରି ଆଚରଣ ପ୍ରଦର୍ଶନ କରିବାଁ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ପ୍ରଥମ ଦିନର ଖେଳ ଶେଷ ହେବା ପରେ ମ୍ୟାଚ୍ ରେଫରୀ ଆଣ୍ଡି ପୟକ୍ରୋଫ୍ଟ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ।




ସେ ବିରାଟଙ୍କୁ ଡାକି ୧୦ ମିନିଟ ଆଲୋଚନା କରିଥିଲେ। ଏହି ସମୟରେ ବିରାଟ ଆଇସିସିର ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ସ୍ୱୀକାର କରିଥିଲେ। ସେ ଆଚରଣ ବିଧିର ଲେଭଲ ୧କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି।କୁହାଯାଉଥିଲା ଯେ ବିରାଟ ଜାଣିଶୁଣି ସାନକୋଷ୍ଟାସଙ୍କୁ ଧକ୍କା ମାରିଥିବାରୁ ସେ ଆଇସିସି ଆଚରଣ ବିଧି ଲେଭଲ ୨କୁ ଉଲ୍ଲଙ୍ଘନ କରିଛନ୍ତି। ଏଥିପାଇଁ ତାଙ୍କୁ ୩ରୁ ୪ଟି ଡିମେରିଟ ପଏଣ୍ଟ ସହ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ ହେବାକୁ ପଡ଼ିପାରେ। କାରଣ ୪ଟି ଡିମେରିଟ ପଏଣ୍ଟ ୨୪ ମାସ ମଧ୍ୟରେ ଯଦି କୌଣସି ଖେଳାଳି ପାଉଛନ୍ତି, ତାହେଲେ ତାଙ୍କୁ ଗୋଟିଏ ଟେଷ୍ଟ ମ୍ୟାଚ କିମ୍ବା ୨ଟି ସୀମିତ ଓଭର ମ୍ୟାଚ୍‌ରୁ ବାସନ୍ଦ କରାଯିବାର ପ୍ରାବଧାନ ରହିଛି।

କିନ୍ତୁ ଏହି ଘଟଣାରେ ବିରାଟଙ୍କୁ କେବଳ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି। ତେଣୁ ତାଙ୍କ ମ୍ୟାଚ୍ ଫି ୨୦% କଟିଛି। ଇନିଂସର ୧୦ମ ଓ ୧୧ତମ ଓଭର ମଧ୍ୟରେ ହୋଇଥିବା ବ୍ରେକ ବେଳେ ପୂରା ଘଟଣା ଘଟିଥିଲା। ଓଭର ସରିବାରୁ କୋନଷ୍ଟାସ ଓ ଉସମାନ ଖାୱାଜା ଏଣ୍ଡ ଅଦଳବଦଳ କରୁଥିଲେ।

ଏହି ସମୟରେ ବିରାଟ ବଲ ଧରି ଚାଲିଚାଲି ଯାଇଥିଲେ ଓ କୋନଷ୍ଟାସଙ୍କୁ ନିଜ କାନ୍ଧରେ ଧକ୍କା ଦେଇଥିଲେ। ସେ ଜାଣିଶୁଣି ଏପରି କରିଥିବା ରିପ୍ଲେରୁ ସ୍ପଷ୍ଟ ଭାବେ ଜଣାପଡ଼ିଥିଲା। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ସମସ୍ତେ ଏହାକୁ ନିନ୍ଦା କରିଥିଲେ।

## ନୀଳାଦ୍ରିବିହାର ଶିଶୁ ମନ୍ଦିରର ୫ମ ବାର୍ଷିକ କ୍ରୀଡା ଉତ୍ସବ

ଭୁବନେଶ୍ୱର,୨୪।୧୨ ନୀଳାଦ୍ରିବିହାର ସେକ୍ଟର ତିନି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରି ଶିଶୁମାନେ ପାଠ ପଢିବା ସହିତ କ୍ରୀଡାକୁଦ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ।

# ଅନୁଶାସନହୀନ ବ୍ୟାଟିଂ ପାଇଁ ଭୁଲ୍ ସ୍ୱୀକାର

ନୂଆଦିଲ୍ଲୀ,୨୬।୧୨: ବର୍ଡର-ଗାଭାସ୍କର ଟ୍ରଫିରେ କ୍ରିକେଟର ବିରାଟ କୋହଲିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ପର୍ଥ ଟେଷ୍ଟରେ ଶତକ ଲଗାଇଥିଲେ ହେଁ ଆଗାମୀ ୩ ଇନିଂସରେ ବିଫଳ ରହିଥିଲେ। କେବଳ ଏତିକି ନୁହେଁ ସମାନ ଢ଼ଙ୍ଗରେ ଆଉଟ୍ ହୋଇଥିଲେ। ଅଫ୍ ଷ୍ଟମ୍ପ ବାହାରେ ବଲ୍‌କୁ ଖେଳିବାକୁ ଯାଇ ତାଙ୍କ ଉଇକେଟ ଯାଇଥିଲା। କୋହଲି ନିଜର ଏହି ଭୁଲକୁ ମାନିଛନ୍ତି।ମେଲବର୍ନ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ହେବା ପରେ କୋହଲି ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି ଯେ ଗତ ୨-୩ ଇନିଂସରେ ସେ ବ୍ୟାଟିଂ ମାମଲାରେ ଅନୁଶାସନହୀନ ରହିଛନ୍ତି।

କୋହଲି ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି, ମୁଁ ମାନୁଛି, ଗତ ୨-୩ ଇନିଂସ ସେଭଳି ଯାଇନାହିଁ, ଯେଉଁଭଳି ମୁଁ ଚାହୁଁଥିଲି। ମୁଁ ପିଚ୍‌ରେ ରହିବା ଲାଗି ଅନୁଶାସନ ଦେଖାଇ ନାହିଁ। ଏହାହିଁ ଟେଷ୍ଟ କ୍ରିକେଟର ଅସଲ ଚ୍ୟାଲେଞ୍ଜ। ଗତ ଗସ୍ତ ମୁକାବିଲାରେ ଏଥର ଅଷ୍ଟ୍ରେଲିଆର ପିଚ୍ ଅଧିକ ଦ୍ରୁତ ଏବଂ ବାଉନ୍ସ କରୁଛି। ଏଣୁ ଏଠାରେ ଭିନ୍ନ ଖେଳର ଆବଶ୍ୟକତା ରହିଛି। ହେଲେ ଭିନ୍ନ ଭିନ୍ନ ପରିସ୍ଥିତିରେ ଭଲ ପ୍ରଦର୍ଶନ କରିବା ହିଁ ଅସଲ ଖେଳ ବୋଲି ସେ କହିଛନ୍ତି।



କୋହଲି ଏବେ ମେଲବର୍ନ ଟେଷ୍ଟ ଏବଂ ସିଡନୀ ଟେଷ୍ଟ ଲାଗି ନିଜର ରଣନୀତି କହିଛନ୍ତି। ଏବେ କ୍ରିଜ୍‌ରେ ନିଜ ଦୃଷ୍ଟିଭଙ୍ଗୀ ସ୍ଥିର କରିବି। ଅଧିକରୁ ଅଧିକ ବଲ୍‌ର ସାମ୍ନା କରିବି। ଏହାପରେ ନିଜ ଖେଳକୁ ଆଗକୁ ବଢ଼ାଇବି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପରିସ୍ଥିତିକୁ ସମ୍ମାନ ଜଣାଇବା ବୋଲି ସେ କହିଛନ୍ତି।

# ବାରବାଟୀ ଏକଦିବସୀୟ ପାଇଁ ପ୍ରସ୍ତୁତି

କଟକ: ଆସନ୍ତା ବର୍ଷ ଫେବୃଆରି ୯ତାରିଖରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆନ୍ତର୍ଜାତିକ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ରବିବାର ଓଡ଼ିଶା କ୍ରିକେଟ୍



ସଂଘ (ଓସିଏ)ର ଆପେକ୍ସ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଛି।ଏହି ବୈଠକରେ ସ୍ୱତନ୍ତ୍ର ଭାବେ ଆସନ୍ତା ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ବିଷୟରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଥିଲା ମ୍ୟାଚ୍ ପୂର୍ବରୁ ବାରବାଟୀ ଷ୍ଟାଡିୟମ୍‌ର ଆବଶ୍ୟକ ମରାମତି କରାଯିବା ସହ ଷ୍ଟାଡିୟମର ରୂପରେଖ ପରିବର୍ତ୍ତନ କରାଯିବା ବିଷୟରେ ଆଲୋଚନା ହୋଇଥିଲା।

ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସଦସ୍ୟ ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏହି ବୈଠକରେ ବିଭିନ୍ନ ସବ୍ କମିଟିର ସଦସ୍ୟମାନେ ଯୋଗଦେଇଥିଲେ ଭିତ୍ତିଭୂମି ବିକାଶ କମିଟିର ଧୀରେନ୍ ପଲାଇ, ରବିନାରାୟଣ ପଣ୍ଡା, ଅମିତ ବେହେରା ରହିଥିବା ବେଳେ ଆର୍ବିଟ୍ରେସନ କମିଟିର ଶିବପ୍ରସାଦ ତ୍ରିପାଠୀ, ତଡ଼ିତ ରାଉତ, ପ୍ରହ୍ଲାଦ ତ୍ରିପାଠୀ, ରଘୁନନ୍ଦନ ପାଢ଼ୀ, ଅର୍ଥ କମିଟିର ଡକ୍ଟର ଶୌର୍ଯ୍ୟରଞ୍ଜନ ପରିଜା, ସରୋଜ କୁମାର ସାହୁ, ଉପେନ୍ଦ୍ର କୁମାର ଦାଶ, ଶୁଭାଶିଷ ସାହୁ, ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଓ ଜଗତସିଂପୁର ଜିଲ୍ଲା ଖେଳାଳିଙ୍କ ମିଳିତ ସଫଳତା

ନବରଙ୍ଗପୁର,୨୬।୧୨(ମହାଭାରତ): କେରଳ ଠାରେ ଚାଲିଥିବା ୩୫ ତମ ସର୍ବ ଭାରତୀୟ ଅମନ୍ତ୍ରଣୀୟ କରାଟେ - ଡୁ କୋବୁଡ ଚାମ୍ପିଅନସିପ ଗତ ଡିସେମ୍ବର ମାସ ତା. ୨୧ ଓ ୨୨ ରିଖରେ ଅନୁଷ୍ଠିତ ହୋଇଛିୟ ଏହି ପ୍ରତିଯୋଗିତା ରେ ସ୍ଥାନୀୟ ନବରଙ୍ଗପୁର ବିନାୟକ ନଗର ରେ ଅବସ୍ଥାପିତ ୟୁଚି ରୀୟ କରାଟେ - ଦୋ କୁବୁଡ଼ ଟ୍ରେନିଙ୍ଗ ସ୍କୁଲ ର ୧୨ ଜଣ ଛାତ୍ରଛାତ୍ରୀ ଓ ଜଗତସିଂହପୁର ର ୟୁଚି ରିୟୋ କରାଟେ ସ୍କୁଲ ର ୧୩ ଜଣ ଛାତ୍ରଛାତ୍ରୀ ସର୍ବମୋଟ ୨୫ ଜଣ କରାଟେ କ୍ରୀଡାବି ଓଡ଼ିଶା ରାଜ୍ୟ ୟୁଚୀ ରୀୟୋ କରାଟେ ଦଳ ରେ ସାମିଲ ହୋଇ ପ୍ରତିଯୋଗିତା ରେ ଭାଗନେଇ ଥିଲେୟ ନବରଙ୍ଗପୁରରୁ ସେଂସାଇ ସନ୍ଦୀପ କୁମାର ରାଉତ, ଆଦର୍ଶ କୁମାର ବେହେରା, ପି. ସହନ କୁମାର, ଆଶୁତୋଷ କୁମାର ବେହେରା, ଅଙ୍କିତ କୁମାର ନାୟକ, ସୌମ୍ୟ ରଞ୍ଜନ ସାନ୍ତା, ଶାହିଲ କୁମାର ପାତ୍ର, ମାଇନୋ ମାରାଣ୍ଡି, ଗୀତାଞ୍ଜଳି ନାୟକ, ଋତୁପର୍ଣ୍ଣା ପଣ୍ଡା, ଫୁଲମୋନି ମାରାଣ୍ଡି ଓ ପ୍ରଣବି ନାୟକ ବିଭିନ୍ନ କରାଟେ କାତା , କୁମିତେ ଓ କବୁଦ ଅସ୍ତ୍ର ଚାଳନା ଇଭେଣ୍ଟ ରେ ଭାଗ ନେଇ ସର୍ବମୋଟ ୨୦ ଟି ସ୍ୱର୍ଣ୍ଣ , ୧୨ ଟି ରୋପ୍ୟ ଓ ୮ ଟି କାଂସ୍ୟ ପଦକ ସର୍ବମୋଟ ୪୦ ଟି ପଦକ ଜିତି ସମଗ୍ର ନବରଙ୍ଗପୁର ଜିଲ୍ଲା ଓ ଓଡ଼ିଶା ରାଜ୍ୟ ର ମାନସମ୍ମାନ ବୃଦ୍ଧି କରିଥିବା ବେଳେ ଜଗତସିଂହପୁର ୟୁଚି ରୀୟୋ କରାଟେ ସ୍କୁଲ ର ତଥା ଏହି ଓଡ଼ିଶା ଦଳ ର ଅନ୍ୟତମ ସଦସ୍ୟ ମାନେ ସେଂଶାଇ ସନାଖି ପ୍ରିୟଦର୍ଶିନୀ, ସମ୍ପାଇ ଆକାଂକ୍ଷା ପ୍ରିୟଦର୍ଶିନୀ, ଶୁଭ୍ରାଜୀତ ଜେନା, ସାୟଦ୍ ରିଜ୍ୱାନ, ଦେବୀ କୃପା ନାୟକ, ସାନଭି ଆର୍ଯ୍ୟ, ସୁଭାଙ୍ଗି ଦାସ, ପ୍ରତ୍ୟୁଷ ରାଜ, ଋତୁରାଜ ମଲ୍ଲିକ , ଅଭିଷିକ୍ତା ମହାନ୍ତି , ସ୍ମୃତିରଞ୍ଜନ ଜେନା , ଆରୀୟନ୍ ଦାସ ଓ ସାଇ ସ୍ୱରାଜ ଉକ୍ତ ପ୍ରତିଯୋଗିତା ରେ ନବରଙ୍ଗପୁର କରାଟେ ଦଳ ସହ ମିଶି ଓଡ଼ିଶା ରାଜ୍ୟ କୁ ପ୍ରତିନିଧି କରି ବିଭିନ୍ନ କରାଟେ ଓ କୁବୁଡ ଅସ୍ତ୍ର ଚାଳନା ପ୍ରତିଯୋଗିତା ରେ ଭାଗ ନେଇ ସର୍ବମୋଟ ୧୭ ଟି ସ୍ୱର୍ଣ୍ଣ , ୧୨ ଟି ରୋପ୍ୟ ଓ ୮ ଟି କାଂସ୍ୟ ପଦକ ସର୍ବ ମୋଟ ୩୭ ଟି ପଦକ ଜିତି ନିଜ ଜିଲ୍ଲା ଓ ଓଡ଼ିଶା ରାଜ୍ୟ ର ମାନସମ୍ମାନ ବୃଦ୍ଧି କରିପାରିଥିଲେ।

ମିଳିତ ଭାବରେ ଏହି ଦୁଇ ଜିଲ୍ଲାର କରାଟେ କ୍ରୀଡାବି ମାନେ ସର୍ବମୋଟ ୭୭ ଟି ପଦକ ଜିତି ଓଡ଼ିଶା ରାଜ୍ୟ ର ମାନସମ୍ମାନ ବୃଦ୍ଧି କରିବାରେ ସଫଳ ହୋଇପାରିଛନ୍ତି। ଉଭୟ ଜିଲ୍ଲା ର ଏହି କରାଟେ ପ୍ରତିଯୋଗୀ ମାନେ ଓଡ଼ିଶା ରାଜ୍ୟ ପ୍ରତିନିଧି ତଥା ଆନ୍ତର୍ଜାତୀୟ କରାଟେ ଓ କୋବୁଡ଼ ଅସ୍ତ୍ର ଶସ୍ତ୍ର ଚାଲାଣ ର ଖ୍ୟାତି ସଂପନ୍ନ ପ୍ରଶିକ୍ଷକ ସେନ୍ସାଇ ଶରତ କୁମାର ରାଉତ ଙ୍କ ପାଖରୁ ତାଲିମ ନେଇ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଚାମ୍ପିଅନସିପ ରେ ଭାଗ ନେଇ ଥିଲେ।

# ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ପଲା ଭାରି

ମୁମ୍ବାଇ ୨୬।୧୨: ଆଇସିସି ଚମ୍ପିଅାନ୍ସ ଟ୍ରଫି ୨୦୨୫ ଯାହାର ଆୟୋଜନ କରିବାକୁ ପାକିସ୍ତାନ। ହେଲେ ଭାରତୀୟ ଟିମ୍ ପାକିସ୍ତାନ ଯିବାକୁ ରୋକଠୋକ ମନା କରିଦେଇଛି।ଆଉ ତାକୁ ଆଇସିସି ମଧ୍ୟ ମୋହର ମାରିଛି ।ଭାରତୀୟ ଟିମ୍ ଖେଳିବାକୁ ଥିବା ସମସ୍ତ ମ୍ୟାଚ୍‌କୁ ହାଇବ୍ରିଡ୍ ମଡେଲରେ ଖେଳିବାକୁ ନିଷ୍ପତ୍ତି ହୋଇଛି। ଭାରତୀୟ ଟିମ୍‌ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳାଯିବାକୁ ସୂଚୀ ପ୍ରକାଶ ପାଇଛି। ଭାରତୀୟ ଟିମ୍ ଚମ୍ପିଅାନ୍ସ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଖେଳିବ ଏହାପରେ ୨୩ ଫେବୃଆରୀରେ ପାକିସ୍ତାନ ସହ ଫାଇଟ୍ ରହିଛି।

ତେବେ ଚମ୍ପିଅାନ୍ସ ଟ୍ରଫିରେ କାହାର ପଲ୍ଲା ଭାରି ରହିଛି। ଭାରତର ନା ପାକିସ୍ତାନର। ଚମ୍ପିଅାନ୍ସ ଟ୍ରଫିରେ ଉଭୟ ଟିମ୍ ୫ ଥର ସାମ୍ନା ସାମ୍ନା ହୋଇଛନ୍ତି । ଯେଉଁଥିରେ ପାକିସ୍ତାନ ୩ଥର ବିଜୟୀ ହୋଇଥିବା ବେଳେ ଭାରତ ୨ଥର ବିଜୟୀ ହୋଇଛି। ୨୦୧୭ରେ ଚମ୍ପିଅାନ୍ସ ଟ୍ରଫିରେ ଭାରତ ପାକିସ୍ତାନ ୨ ଥର ମୁହାଁମୁହିଁ ହୋଇଥିଲେ। ଗ୍ରୁପ ଷ୍ଟେଜ୍‌ରେ ପାକିସ୍ତାନ ହାରିଥିବା ବେଳେ ଫାଇନାଲ ମୁକାବିଲାରେ ଭାରତ ପରାସ୍ତ ହୋଇଥିଲା। ଆଉ ଚମ୍ପିଅାନ୍ସ ଟ୍ରଫିର ଚମ୍ପିଅାନ୍‌ର ହୋଇଥିଲା ପାକିସ୍ତାନ। ତେବେ ଦେଖାଯାଉ ୨୦୨୫ରେ କିଏ ମାରୁଛି ବାଜି। ପୂର୍ବ ରେକର୍ଡ ଅନୁସାରେ ପାକିସ୍ତାନ ବାଜି ମାରୁଛି.. ନା ନିଜର ପୂର୍ବ ରେକର୍ଡକୁ ବ୍ରେକ୍ ଦେଇ ନୂଆ। ଇତିହାସ ଲେଖିବ ଭାରତୀୟ ଟିମ୍ ।ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଯାଏଁ ୮ ଥର ଖେଳାଯାଇଛି ଚମ୍ପିଅାନ୍ସ ଟ୍ରଫି । ୧୯୯୮ରେ ପ୍ରଥମ ଥର ପାଇଁ ଖେଳାଯାଇଥିଲା ଏହି ଟୁର୍ଣ୍ଣାମେଣ୍ଟ ଯେଉଁଥିରେ ବାଜି ମାରିଥିଲା ଦକ୍ଷିଣ ଆଫ୍ରିକା। ଏହାପରେ ୨ୟ ସଂସ୍କରଣରେ ଜିତିଥିଲା ନିଜ୍ୟୁଲାଣ୍ଡ, ୩ୟ ସଂସ୍କରଣରେ ଭାରତ ଏବଂ ଶ୍ରୀଲଙ୍କାକୁ ଯୌଥ ବିଜୟ ଭାବେ ଘୋଷଣା କରାଯାଇଥିଲା। ୪ର୍ଥ ସଂସ୍କରଣରେ ବିଜୟୀ ହୋଇଥିଲା ୱେଷ୍ଟଇଣ୍ଡିଜ୍, ୫ମ ଏବଂ ୬ଷ୍ଠ ସଂସ୍କରଣରେ ଜିତିଥିଲା ଅଷ୍ଟ୍ରେଲିଆ, ୭ମ ସଂସ୍କରଣରେ ଜିତିଥିଲା ଟିମ୍ ଇଣ୍ଡିଆ, ୮ମ ସଂସ୍କରଣରେ ପାକିସ୍ତାନ ହୋଇଥିଲା ଚମ୍ପିଆନ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ